

RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ମାର୍ଚ୍ଚ ୨୦୨୦
ମୂଲ୍ୟ : ୨୫ ଟଙ୍କା

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
PRACHEE





ମୁଖ୍ୟ ଉପଦେଷ୍ଟା
କବି ଜୟନ୍ତ ମହାପାତ୍ର



ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ପଞ୍ଚମ ବର୍ଷର ଦ୍ୱାଦଶ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ଋ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।<br>କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-5, March 2020, Issue No. XII
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର
ପ୍ରସନଜିତ୍ ସାହୁ
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ପ୍ରଶାନ୍ତି ସାଇଁ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

Declaration
Edited, Published & Owned by :
Dr. Bibhudatta Khandayatray

Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...


| | | |
|---|---|---|
| **ପୁଅ ମୋର ଘୋଡ଼ା ଚଲାଏ** | | |
| | - ଲିପ୍‌ସା ପଟେଲ | ୦୭ |
| **ନିର୍ବାଣ** | | |
| | - ସ୍ନେହଲତା ଦାସଲେଙ୍କା | ୧୦ |
| **କରୋନାକୁ କେବେ ଭୟ କରନା** | | |
| | - ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ | ୧୨ |
| **ସାବାସ୍ ବିଲୁଆ** | | |
| | - ଅଙ୍କିତା ପାଢ଼ୀ | ୧୪ |
| **ପ୍ରତିଶୋଧ** | | |
| | - ମହେଶ୍ୱର ସାହୁ | ୧୭ |
| **ଈର୍ଷାର ଫଳ ଖଟା** | | |
| | - ରୁଦ୍ର ରୂପା ବ୍ରହ୍ମୀ | ୨୦ |
| **ସନ୍ତୁଳା ସମୀକ୍ଷା** | | |
| | - ମାଧବାନନ୍ଦ ଭୋଇ | ୨୧ |
| **ବିଦେଶିନୀ** | | |
| | - ସୌଭାଗ୍ୟବତୀ ଗୁରୁ | ୨୩ |
| **ମହାଭାରତର ମହାନ ଚାରି ସିଦ୍ଧାନ୍ତ** | | |
| | - ସୌଭାଗ୍ୟ ରଞ୍ଜନ ମହାପାତ୍ର | ୨୮ |
| **ଧର୍ମର ହେଉ ଜୟ** | | |
| | - ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୨୯ |
| **ଏ ବୋଧେ ରଣ ପରିଶୋଧ** | | |
| | - ଦିଲ୍ଲୀପ କୁମାର ସାମଲ | ୩୧ |
| **କଣେମନ୍ତ** | | |
| | - ତପନ କୁମାର ଦାଶ | ୩୩ |
| **ଲୁହ** | | |
| | - ଅର୍ଚ୍ଚନା ଦେଓ | ୩୬ |

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍କେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡ଼ିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

## ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!

## କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ

ଶ୍ରୀମତୀ/ଶ୍ରୀ ............................................................

ଠିକଣା ........................................ ପିନ୍‌କୋର୍ଡ଼ ........................

ମୋବାଇଲ୍ ନମ୍ବର .............................. ଇ-ମେଲ୍ ..............................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................... ତାରିଖ..........................

ବ୍ୟାଙ୍କ୍.............................. ସ୍ଥାନ..........................................

ତାରିଖ.............................. ଦସ୍ତଖତ..........................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ପୁଅ ମୋର ଘୋଡ଼ା ଚଲାଏ

- ଲିପସା ପଟେଲ

ପିଲାଦିନୁ ତା'କୁ ଘୋଡ଼ା ଚଲାଇବାକୁ ଖୁବ୍ ଭଲପାଏ । ବାପା ବଢ଼େଇ କାମ କରୁଥିଲା ବୋଲି କାଠଘୋଡ଼ା ତିଆରି କରିଦେଇଥିଲା । ସୁଧାକର ବାପା, ମା'ର ଏକୋଇରବାଳା ବିଶିକେସନ । ତାକୁ କିଛି ଊଣା ହେଉନଥିଲା । ନିଜେ ପଛକେ ନିଉଛୁଣିଆ ଜୀବନ ବିତେଇ ଦେଉଥିଲେ, ବାପାମା' ପୁଅ ପାଇଁ ସବୁ ଯୋଗାଡ଼ି ଦେଉଥିଲେ । ମାଟି ଘୋଡ଼ା ହେଉ କି କାଠ ଘୋଡ଼ା ସୁଧାକର ଖୁବ୍ ଆଦରରେ ସମ୍ଭାଳି ରଖେ ଏସବୁକୁ । ପିଲାଦିନୁ କେବଳ ତା'ର ଗୋଟିଏ ସ୍ୱପ୍ନ - ସେ ଘୋଡ଼ା ଚଳେଇବ । ଆଉ ଘୋଡ଼ା ଚଲାଇବାର ନିଶା ଯେ ତାକୁ ଏମିତି ପେସାରେ ଠେଲିଦେବ କେହି ଭାବି ନଥିଲେ ।

ପୁଅ ବଡ଼ ହେଲା । ବାପା ଆଖି ବୁଜିଦେଲା ପରେ ଘରଟାର ଦାୟିତ୍ୱ ସୁଧାକର ଉପରେ ପଡ଼ିଲା । ମା' କିନ୍ତୁ ପୁଅ ଉପରେ ଖୁବ୍ ଭରସା ବାନ୍ଧିଛି । ପୁଅ ଯେମିତି ହେଲେ ସଂସାରଟା ଚଳେଇଦେବ । ସେଇ ଗାଁର ଝିଅ ମହୁଆକୁ ବୁଢ଼ୀ ମନେ ମନେ ବୋହୂ କରିବ ବୋଲି ଭାବି ନେଇଛି । ସୁଧାକର ମଧ୍ୟ ଏଥିରେ ରାଜି ଥିଲା । କିନ୍ତୁ କିଛି ଗୋଟିଏ ଆଖିଦୁଶିଆ ରୋଜଗାର ସୂତ୍ର ପାଇଗଲେ କଥାଟା ପକାଇବ ବୋଲି ବୁଢ଼ୀ ଓ ସୁଧାକର ଅପେକ୍ଷା କରି ରହିଥିଲେ । ଏତେ ବଡ଼ ହୋଇ ସୁଦ୍ଧା ସୁଧାକର ମୁଣ୍ଡରୁ ଘୋଡ଼ା ଚଳେଇବାର ନିଶା ଉତୁରି ନଥିଲା । ବୁଢ଼ୀ ତାକୁ ବୁଝାଏ, ଏବେ ଆଉ ରାଜରାଜୁଡ଼ା କି ଜମିଦାରୀ ଶାସନ ତ ନାହିଁ ଆଉ ଘୋଡ଼ା ଆସିବ କୋଉଠୁ । ତୁ କିଛି ଭଲ ବେପାର କି ଧନ୍ଦା ଦେଖିନେ ଯଦ୍ୱାରା ମହୁଆଟା ଏଇ ଘରକୁ ହିଁ ବୋହୂ ହୋଇ ଆସିବ । ତୁନି ହୋଇ ମନେ ମନେ କିଛି ଭାବେ ସୁଧାକର । ତା' ମାନସିକତାରେ ଘୂରିବୁଲନ୍ତି ତା' ମା' ମହୁଆ, ଏଇ ଗାଁ ଓ ତା'ର ସ୍ୱପ୍ନ ଯେ ଘୋଡ଼ା ଚଳେଇବା । କେମିତି ଏସବୁ ପୂରା ହେବ ଆଉ ସେ ଏସବୁକୁ ସାଉଁଟି ଏକ ସାଧାରଣ ଜୀବନ ଜୀଇଁବ ।

ସ୍ୱପ୍ନଟିଏ ଆଖିରେ ବସା ବାନ୍ଧିବା ସହଜ । ଭାଙ୍ଗିଯିବା ତ ଆହୁରି ସହଜ, ମାତ୍ର, ସ୍ୱପ୍ନଟି ପୂରା ହେବାପାଇଁ ସାରା ଜୀବନକୁ ମଧ୍ୟ ତିଳ ତିଳ କରି ଜାଳିଦିଏ ବୋଲି ଠିକ୍ ଜାଣିଥିଲା ସୁଧାକର । ଗାଁରେ ସମସ୍ତେ ଜାଣନ୍ତି ସୁଧାକର ଓ ଘୋଡ଼ା ଚଳେଇବାର ନିଶା ପ୍ରସଙ୍ଗକୁ । ଦିନେ ଗାଁ ସରପଞ୍ଚ କଥା ଆଳରେ କହିଲେ, ଘୋଡ଼ା ଚଳେଇବାକୁ ଏତେ ତୋର ସଉକ ଯଦି ସେନାବାହିନୀରେ ଯୋଗ ଦେଉନୁ । ଉଲ୍ଲସିତ ସୁଧାକରର ମନ । ଠିକ୍ ବାଟଟିଏ ବତେଇଦେଲେ । ସେ ଦିଗରେ ଅଗ୍ରସର ହେବା ପାଇଁ ଉଦ୍ୟତ ହେଲାବେଳକୁ ମୂଳରୁ ହିଁ ତା ସ୍ୱପ୍ନଟା ସ୍ୱପ୍ନ ହୋଇ ରହିଗଲା । ଯୋଗ୍ୟତାର ଶିଡ଼ିରେ ତା ଶିକ୍ଷାଗତ ଯୋଗ୍ୟତା ଟପି ପାରିଲାନି ସୋପାନକ୍ରମେ ଚୟନ ପ୍ରକ୍ରିୟାର ଅତିକ୍ରମତା । ତେଣୁ ସେ ପୁଣିଥରେ ନିରାଶ ହେଲା । ମା' ବୁଝାଉଥିଲା, କିଛି ଭଲ ହେବ ଆଗକୁ ବୋଲି ଏଥର ତୋର ପାଳି ଆସିଲାନି । ଧୈର୍ଯ୍ୟ ଧର, ଆରଥରକୁ ହେବ ।

ବାପା ଚାଲିଗଲା ପରେ ସୁଧାକରର ପାଠପଢ଼ାରେ ଡୋରି ପଡ଼ିଲା । ଏସବୁ ଚାକିରି ପାଇଁ ପାଠ ଦରକାର କହି ସେ ଚାଲିଗଲା ଗାଁର ଗଡ଼ିଆପଟେ । ମୁଣ୍ଡରେ ତା'ର ଅନେକ ପ୍ରଶ୍ନ ଯେମିତି ଆନ୍ଦୋଳିତ କରିଚାଲିଥିଲେ ସେମିତି ପାଣିରେ ମଧ୍ୟ ଢେଉସବୁ ଚହଲି ଯାଉଥିଲେ । ପଛପଟୁ ଏକ ଆଶ୍ୱାସନାର ହାତ ଲମ୍ୱିଆସି ଛୁଇଁଲା ସୁଧାକରର କାନ୍ଧ । ପଛକୁ ଚାହିଁ ଦେଖେ ତ ଗାଁ ମାଷ୍ଟ୍ରେ । ଜୁହାର ହେଲା, ବସିବା ପାଇଁ ଜାଗା ଦେଇ ଟିକେ ଘୁଞ୍ଚିଗଲା । ତା ସ୍ୱପ୍ନକୁ ମାଷ୍ଟ୍ରେ ଠିକ୍ ଜାଣିଥିଲେ । ମାଛ ଧରିବା ପାଇଁ ଥୋପ ପକାଇଲା ଭଳି ସେ ଫାନ୍ଦିଦେଲେ ସୁଧାକରକୁ ତା ସ୍ୱପ୍ନ ପୂରଣ କରିବାର ସୂତ୍ର । ଉନ୍ମାଦିତ ସୁଧାକର ଭାବିପାରିନଥିଲା କେଉଁପଟେ ସେ ଯିବ ଓ ଫେରିପାରିବ ତ ନିଜ ମା' ପାଖକୁ, ମହୁଆ ଓ ଏଇ ଗାଁକୁ ? ସ୍ୱପ୍ନାନ୍ଧ ଯୁବକଟି ସେଦିନରୁ ଗାଁ ଛାଡ଼ି କୁଆଡ଼େ ଗଲା ଯେ ତା'ର ପତ୍ତା ମିଳିଲାନି ।

ମହୁଆ ଆଉ ଧରିପାରିଲାନି ସୁଧାକରର ହାତ କି ବୋହୂ ସାଜି ଆସିପାରିଲାନି ବୁଢ଼ୀର ଘରକୁ । ତଥାପି ଏବେ ସେ ଫେରିଛି

ବୁଢ଼ୀ ପାଖକୁ ଭିନ୍ନ ରୂପରେ, ତା'ର ଦେଖାଶୁଣା କରୁଛି । ଯବାନ୍ ଟୋକାକୁ ଖଞ୍ଜିଦେଇଥିଲେ ତା' ବାପାମା' ମହୁଆ ସହ । ତା'ର ଅନିଚ୍ଛା ସତ୍ତ୍ୱେ ସେ ବାହାହୋଇ ଚାଲିଗଲା ଶାଶୁଘର, ମାତ୍ର, ବେଶୀଦିନ କୋଉ ସୁଖ ମିଳିଲା କି ତାକୁ । ବିଧାବା ବେଶରେ ଲେଉଟିଲା ବାପଘରକୁ । ତା'ର ଏଇ ରୂପ ଦେଖି ତା ବାପା ମା'ଠାରୁ ଅଧିକ କାନ୍ଦିଥିଲା । ସୁଧାକରର ମା', ତା' ପୁଅ ଯୋଗ୍ୟବରପାତ୍ର ହୋଇଥିଲେ ଏଦିନ ଦେଖିବାକୁ ପଡ଼ି ନଥାନ୍ତା ବୋଲି କହିଲା । ତଥାପି ବିହି ତାକୁ ଫେରାଇଛି ତା ପାଖକୁ ତା ଝିଅ ହୋଇ ରହିବ ବୋଲି ମହୁଆକୁ କୁଣ୍ଢେଇ ଧରିଲା ବୁଢ଼ୀ । ସେଦିନଠାରୁ ବୁଢ଼ୀର ଦେଖାଶୁଣା କରୁଛି ମହୁଆ । ରାତିରେ ଅଣ୍ଡାଳି ଅଣ୍ଡାଳି ବାଟ ଚାଲୁଛି ବୁଢ଼ୀ । ଚିହ୍ନି ପାରୁନି କାହାକୁ । ଯାହା ଦେଲେ ମୁଠାଏ ଖାଉଛି । ଗୋଟିଏ ଓଳି ଖାଇଲେ ଆଉ ଓଳିକି ରୁଚୁନି ଖାଇବା । ମରଣକୁ ବାଟ ଜଗି ବସିଛି ଲୋ...କହିହେଉଛି ଦିନରାତି । ପୁଅଟା ମୁଣ୍ଡରେ କି ପିଉ ଚଢ଼ିଲା ଯେ ବୁଢ଼ୀମା'କୁ ମଧ ଭୁଲିଗଲା । ପାଗଳ ହୋଇ ଚାଲିଗଲା ନା ରାଗିକି ଘର ଛାଡ଼ିଲା ପଦେ ହେଲେ କହିଲାନି । ମହୁଆର ପିଲାପିଲି କିଛି ନାହିଁ । ବର ମରିଗଲାରୁ ଶାଶୁଘର ଲୋକ ପୁଣି ବାପ ଘରକୁ ପଠେଇଦେଲେ । ତା ବର ଶହିଦ୍ ହେଲା....କେତେ ଗୌରବ ଆଣିଲା ନିଜ ମାଟିପାଇଁ । ଶୂନ୍ୟ କପାଳରେ ମଧ ମହୁଆର ମଥାରେ ଝଟକିଲା ଅୟୁତ ସୂର୍ଯ୍ୟ । କେତେ ପୁରସ୍କାର, କେତେ ଶ୍ରଦ୍ଧା ଓ ସମ୍ମାନ ମିଳିଲା ତାକୁ ସରକାରୀ ବେସରକାରୀ ସ୍ତରରୁ । ମାଓବାଦୀଙ୍କ ସହ ଲଢ଼େଇ କରି ଜୀବନ ହାରିଦେଲା ତା ସ୍ୱାମୀ । ମାଓନେତା ସୁଦାମ ଏବେ ମୋଷ୍ଟ ଓ୍ୱାଣ୍ଟେଡ଼ ତାଲିକାଭୁକ୍ତ । ସେ ନେଇଛି ମହୁଆ ସ୍ୱାମୀର ଜୀବନ । ତା' କପାଳରୁ ଶୂନ୍ୟ କରି ଚିରଦିନ ପାଇଁ ତାକୁ ଠେଲିଦେଇଛି ବୈଧବର ଗହ୍ୱର ମଧକୁ । ବୁଢ଼ୀ ମଧ ଖୁବ୍ ଗାଳିଦିଏ ଏସବୁ ପ୍ରସଙ୍ଗ ପଡ଼ିଲେ ।

ଏବେ ଏବେ ତାଙ୍କ ଗାଁରେ ଯବାନ୍ ମାନଙ୍କ ଛାଉଣୀ । କିଛି ସନ୍ଦେହ ହେଲେ ଲୋକଙ୍କୁ ଜେରା କରୁଛନ୍ତି । ସମସ୍ତଙ୍କ ଘରଦ୍ୱାର ମଧ ଯାଞ୍ଚ କରୁଛନ୍ତି । ବୁଢ଼ୀ ଏକୁଟିଆ ଲୋକ । ଘର ଓ ଜିନିଷପତ୍ରର ତାଲିକା ମଧ ସେ କହିପାରେନି । ମହୁଆ ପେଜ ତୋରାଣି ଟିକେ ଦେଉଛି ବୋଲି ସେ ଜୀବନ ଧରିଛି ନହେଲେ ତ କୋଉକାଳୁ ଆଖି ବୁଜି ଦିଅନ୍ତାଣି । ଯବାନ୍‌ମାନେ ଜଙ୍ଗଲ ଜଙ୍ଗଲ ବୁଲୁଛନ୍ତି । ତାଙ୍କ ଗାଁର ମେଲା ପଡ଼ିଆରେ ଛାଉଣୀ କରି ସେଇଠି ଖିଆପିଆ ଓ ତମ୍ବୁରେ ଶୋଉଛନ୍ତି । ଏତେ ବର୍ଷ ମଧରେ କେବେ ଗାଁଲୋକ ଦେଖିନଥିଲେ ଏତାଦୃଶ । ଗାଁଲୋକଙ୍କ ପାଇଁ ଏହା ଏକ ନୂଆ ଅନୁଭୂତି । ବୁଢ଼ୀ ସବୁବେଳେ ମହୁଆକୁ ପଚାରେ, ଏମାନେ କାହାକୁ ଖୋଜୁଛନ୍ତି ? ତୋ ବର ତ ଯବାନ୍ ଥିଲା, ତୁ ଜାଣିଥିବୁ ଲୋ କହ । ମହୁଆ କହେ, ଆମ ଶତ୍ରୁମାନଙ୍କୁ କୋଉ ଶତ୍ରୁ, କେମିତିକା ଶତ୍ରୁର ଉତ୍ତର ନଥାଏ ତା' ପାଖରେ । ଗାଁ ମାଷ୍ଟ୍ରେ ମଝିରେ ମଝିରେ ଆସନ୍ତି ବୁଢ଼ୀକୁ ଦେଖିବା ପାଇଁ । କିଛି ପଇସାପତ୍ର ମଧ ଦିଅନ୍ତି ଚଳିବା ପାଇଁ । ତାଙ୍କୁ ସବୁବେଳେ ବୁଢ଼ୀ ନିଜ ଦୁଃଖ ଗୁହାରେ, ତା' ସୁଧାକର କଥା କହେ...କୁଆଡ଼େ ଗଲା ପିଲାଟା । ବୁଢ଼ୀକୁ ସାନ୍ତ୍ୱନା ଦେଇ ଚାଲିଯାଆନ୍ତି ମାଷ୍ଟ୍ରେ । ପ୍ରତିଥର କହନ୍ତି, ଦିନେ ନା ଦିନେ ଫେରିବ ତା' ସୁଧାକର । କେବେ ଫେରିବ, କିଏ ଜାଣିଛି ?

ବୁଢ଼ୀ ଏବେ ବିଛଣା ଧରିଲାଣି । ଆଉ ଚଲାବୁଲା ମଧ କରିପାରୁନି । ମାଷ୍ଟ୍ରେ ଆସି ଔଷଧପତ୍ର ଦେଇଯାଇଥିଲେ । ମହୁଆ ଜଗିରହୁଛି ବୁଢ଼ୀକୁ । ଏମିତି ଦିନେ ଢେର ରାତିରେ ବୁଢ଼ୀଘର ଦରଜା ପାଖରେ ଛାଇଛାଇକା ଦୃଶ୍ୟ । କିଏ ଜଣେ କମ୍ବଳ ଘୋଡ଼ି ଆସିଛି ? ମହୁଆ ଚିଲ୍ଲେଇବା ପୂର୍ବରୁ ଶକ୍ତ ପାପୁଲିଟା ତା' ମୁହଁ ବନ୍ଦ କରିଦେଲା । ବୁଢ଼ୀ କିଛି ଜାଣିପାରୁନଥାଏ । କିଏ ଜଣେ କୁଣ୍ଢେଇ ଧରିଲା ବୁଢ଼ୀକୁ । ଅଣ୍ଡାଳି ଅଣ୍ଡାଳି ବୁଢ଼ୀ ମୁହଁରୁ ପଦେ କଥା ବାହାରିଲା...ସୁଧାକର । ତୁ କୋଉଠି ଥିଲୁ, ଏତେ ବର୍ଷପରେ କେମିତି ଫେରିଲୁ ? ମୁହଁରେ ହାତ ବୁଲେଇ ନେଇ ବାରିପାରିଲା ଦାଢ଼ି, ନିଶ, ଏ କି ଅବସ୍ଥା ତୋର ? ଖୁବ୍ କାନ୍ଦିଲା ସୁଧାକର । ମା' ମୋତେ କ୍ଷମା କରିଦେ.....ତୋତେ ମନେ ପକାଉଥିଲି କିନ୍ତୁ ସୁଯୋଗ ମିଳୁନଥିଲା ଫେରିବା ପାଇଁ । କି କାମ କରୁଛୁ କି ? ବୁଢ଼ୀର ପ୍ରଶ୍ନ ନ ସରୁଣୁ ଯବାନ୍‌ମାନେ ଘେରି ଯାଇଥିଲେ ଘର ଚାରିପଟେ । ସୁଧାକରର ସାଥୀମାନଙ୍କୁ ଗୁଳି କରିସାରିଥିଲେ । କମାଣ୍ଡର ଦରଜାକୁ ଲାତମାରି ପଶିଆସିଲେ ଘର ଭିତରକୁ । ବାରମ୍ବାର କହୁଥିଲେ ସୁଦାମ ଆତ୍ମ ସମର୍ପଣ କରିଦେ । ବୁଢ଼ୀ ବିଳିବିଳେଇ ହୋଇ କହି ଚାଲିଥିଲା, ଏ ମୋ ପୁଅ ସୁଧାକର ....କୋଉ ସୁଦାମକୁ ଖୋଜୁଛ ଆଜ୍ଞା ? ଗୁଳିର ଶବ୍ଦ ସହ ମା' କୋଳରେ ଗଡ଼ିଗଲା ସୁଧାକର । ବୁଢ଼ୀ ଆଖିକୁ ଆଉ ଦେଖାଯାଉନି । ତୋତେ କାହିଁକି ପୋଲିସ୍ ଖୋଜୁଛି ସୁଧାକର ? ତୁ କ'ଣ କରୁଥିଲୁ ପୁଅ ? ଶେଷ ନିଃଶ୍ୱାସ ତ୍ୟାଗ କରିବା ପୂର୍ବରୁ ସୁଧାକରର ଏତିକି ଉକ୍ତି - ମୁଁ ଘୋଡ଼ା ଚଲାଉଥିଲି ମା, ଜଙ୍ଗଲରେ ରହି ଘୋଡ଼ା ଚଲାଉଥିଲି । ମା' କୋଳରେ ଆଖି ବୁଜିଦେଲା ସୁଧାକର । ଯବାନମାନଙ୍କ ଛାଉଣୀ ଆଉ ଲାଗିଲାନି ଗାଁରେ । ହାର୍ଡ଼କୋର୍

ମାଓବାଦୀ ସୁଦାମ ମୃତ ଘୋଷିତ ହେଲା । ବୁଢ଼ୀ କିଛି ବୁଝିପାରୁନଥିଲା । କେବଳ ଏତିକି କହୁଥିଲା, ପୁଅ ତା'ର ଘୋଡ଼ା ଚଲାଉଥିଲା.....ଆଉ ସେଥିପାଇଁ ଜୀବନ ମଧ୍ୟ ହାରିଦେଲା । ଘୋଡ଼ା ଚଲାଇବାର ପରିଣତି ତେବେ ଏତେ ଭୟାବହ !

ଭବାନୀପାଟଣା ।




# ନିର୍ବାଣ

- ସ୍ନେହଲତା ଦାସଲେଙ୍କା

ପଶ୍ଚିମାକାଶର ରକ୍ତିମ ଆଭା ଲୁଚକାଳି ଖେଳୁଥିଲା ଖଣ୍ଡ ଖଣ୍ଡ ବାଦଲର ମେଳାରେ । ଗବାକ୍ଷ ଏପଟେ ନିହାରିକା ଅବଲୋକନ କରୁଥିଲା ଦୂରଦିଗବଳର ଦୃଶ୍ୟକୁ । ସନ୍ଧ୍ୟା ଆଗତପ୍ରାୟ ପଲ୍ଲୀବଧୂ ଚଉରାରେ ସନ୍ଧ୍ୟାଦୀପ ଲଗେଇ ଶଙ୍ଖଧ୍ୱନି ଫୁଙ୍କି ସାରିଲେଣି । ନିହାରିକା କିନ୍ତୁ ହଜିଯାଇଚି ସେଇ ଦୂରଦିଗବଳୟର ବିହଙ୍ଗଙ୍କର ଗୃହବାହୁଡ଼ା ଦୃଶ୍ୟରେ । ସେମାନଙ୍କ କଳରବରେ ଗୁଞ୍ଜରିତ ହୋଇଉଠୁଛି ଧରାପ୍ରାୟ । ଏକତ୍ରିତ  ପରିବାର ହୋଇଗଲା ପରେ ଆନନ୍ଦ ଉଲ୍ଲାସରେ ମଗ୍ନ ବିହଙ୍ଗ ପରିବାର ।

ଶାଶୁଙ୍କ ଡାକରେ ତନ୍ଦ୍ରାଭଗ୍ନ ହେଲା ନିହାରିକାର । ସମସ୍ତେ ଫେରୁଚନ୍ତି ନିଜ ନିଜ ନୀଡ଼କୁ । ହେଲେ ମଳୟ....ସତରେ କ'ଣ ଭୁଲିଗଲେ ନା ହଜିଗଲେ କୋଉ ମାୟା ମରିଚିକାର ଜାଲରେ କିମ୍ବା ବାଟବୁଡ଼ି ଚାଲିଗଲେ କୋଉ ଅଜଣା ଇଲାକାକୁ । ଅନେକ ଅସୀମାହିତ ପ୍ରଶ୍ନର ଉତ୍ତର ଖୋଜି ପାଉନଥିଲା ନିହାରିକା । ବିବାହର ମାତ୍ର ପାଞ୍ଚଦିନରେ ମଳୟ କୁଆଡ଼େ ପଳେଇଲେ ଘରଛାଡ଼ି । ଅଷ୍ଟମଙ୍ଗଳା ଯାଇନି । ହାତରୁ କୁଙ୍କୁମ ମେହେନ୍ଦିର ଦାଗ ନବବଧୂ ନିହାରିକାର ସୌନ୍ଦର୍ଯ୍ୟ କ'ଣ ଅଟକାଇ ପାରିଲାନି ? ମଳୟ କ'ଣ ଆଉ କାହାକୁ ପସନ୍ଦ କରୁଥିଲେ । ଯଦି ପସନ୍ଦ କରିଥିଲେ ତାକୁ ବିବାହିତ କରିପାରିଥାନ୍ତେ । ମଳୟଙ୍କ ପରିବାରରେ ସମସ୍ତେ ଖୁବ ଭଲ ପାଆନ୍ତି । ପ୍ରତିବାଦର ସ୍ୱର କେବେ ଉଠିନଥାନ୍ତା । ତଥାପି....କାହିଁକି ମଳୟ ଏମିତି କଲେ । ଗୋଳମାଳ ହୋଇଯାଉଥିଲା ନିହାରିକାର ମସ୍ତିସ୍କ । ନୂଆବୋହୂକୁ ସାମ୍ନାରେ କେହି କିଛି ନକହିଲେ ସୁଦ୍ଧା ଅନ୍ତରାଳରୁ ଅନେକ ଟୁପୁରୁ ଟାପୁରୁ ଶୁଭେ ନିହାରିକା ଉଦ୍ଦେଶ୍ୟରେ । ଶାଶୁ ମଧ୍ୟ ନିରବ ସମର୍ଥନ ଜଣାନ୍ତି ।

ନିହାରିକା ଏବେ ଧିରେ ଧିରେ ଘରର କାମ ହାତକୁ ନେଲାଣି । କାର୍ଯ୍ୟବ୍ୟସ୍ତତାରେ ଭୁଲିଯିବ ମଳୟଙ୍କୁ । ମଳୟଙ୍କ ହାତଲେଖା ଚିଠି ମନେ ପଡ଼େ । ବାସ୍...ପଦିଏ ଧାଡ଼ି ନିହାରିକା ତମେ ମୋତେ ଭୁଲିଯାଅ । ଯଦି ଭୁଲିବାର ଥିଲା ବିବାହ କାହିଁକି କରୁଥିଲେ, ମଳୟ କ'ଣ କାହାର ବାଧ୍ୟବାଧକତାରେ ବେଦୀରେ ବସିଥିଲେ । ଏହି ପଦିଏ ଧାଡ଼ିରୁ କ'ଣ ଅର୍ଥ ବୁଝିବ । ବିବାହ ଦିନ ଅନେକ ସ୍ୱପ୍ନକୁ ଧରି ବେଦୀରେ ମଳୟର ହାତ ଧରିଥିଲା । ଚତୁର୍ଥୀରୀ କର୍ମରେ ପିତୃପୁରୁଷଙ୍କୁ ପିଣ୍ଡ ବାଢ଼ିଥିଲା । ବାସର ରାତିରେ ଅନେକ ଆକାଂକ୍ଷାକୁ ଧରି ମଳୟଙ୍କୁ ପ୍ରତିକ୍ଷା କରିଥିଲା ହେଲେ...ମଳୟ । ଚାରିଚଉଡା କାଗଜଟିଏ ଧରେଇ ଦେଇ ଝଡ଼ବେଗରେ କୋଠରୀରୁ ବାହାରିଯାଇ ରାତ୍ରିର ଅନ୍ଧକାରରେ ମିଶି ଯାଇଥିଲେ ।

ସକାଳୁ ସକାଳୁ ଭୟାବହ ପରିବେଶକୁ ସାମ୍ନା କରିବାକୁ ପଡ଼ିଥିଲା ନିହାରିକାକୁ । ଅନେକ ପ୍ରଶ୍ନବାଣରେ ଛନ୍ଦି ହୋଇଯାଇଥିଲା । ଅନେକ ଅନିସନ୍ଧିତ୍ସୁ ନେତ୍ରରେ କ୍ଷୁଣ ହୋଇଯାଉଥିଲା ନିହାରିକାର ଶରୀର । ଶ୍ୱଶୁର ସଂପୂର୍ଣ୍ଣ ଦାୟୀ କରୁଥିଲେ ନିହାରିକାକୁ ମଳୟର ଅଜ୍ଞାତବାସ ପାଇଁ । ଶାଶୁଙ୍କ ମୁହଁରେ ଘୃଣାର ଛାଇ ଉକୁଟି ଉଠୁଥିଲା । ଭିତରେ ଭିତରେ ଭାଂଗି ପଡୁଥିଲା ନିହାରିକା । ବାସ୍ତବରେ ଆମ ସମାଜରେ ନାରୀ ଯେତେ ଅଗ୍ରଗତି କଲେ ମଧ୍ୟ ବିନାଦୋଷରେ ଅପବାଦର ବୋଝ ମୁଣ୍ଡେଇ ଚାଲିବାକୁ ସେ ବାଧ୍ୟ । ନିହାରିକା ଏଥିରୁ ବାଦ ଯିବ କେମିତି ?

ଆଜି ସକାଳୁ ଠୁ ନିହାରିକାର ମନ କେମିତି ଉଚ୍ଚାଟିଆ ଲାଗୁଥିଲା । ବାହାଘରକୁ ଆସିଥିବା ବନ୍ଧୁବାନ୍ଧବମାନେ କେବେଠୁ ମେଲାଣି ନେଇ ସାରିଲେଣି । ଏବେ ଘରଟା ଖାଁ ଖାଁ ରୋଷେଇ ସରିଲାଣି । ଶ୍ୱଶୁର ଖାଇ ସାରି ଗାଁ ଭିତରକୁ ଯାଇଛନ୍ତି । ଶଂଖୁଡ଼ି ଉଠେଇ ନେଇ କୂଅମୂଳେ ଧୋଇଲା ନିହାରିକା । କାଉଟି କା କା କରି ଉଡ଼ିଆସିଲା ଘରର ମଥାନରୁ ତଳକୁ ଶଂଖୁଡ଼ିକୁ ଦେଖି । ଶାଶୁ ବିରକ୍ତ ହେଉଛନ୍ତି ଭଂଗାକାନ୍ତ ଉପରେ ବସିଥିବା ମାଙ୍କଡ଼ଟି ଉପରେ ମାଙ୍କଡ଼ଟି କିନ୍ତୁ ନିର୍ଦ୍ୱନ୍ଦରେ ଖାଇ ଚାଲୁଥିଲା ହାତରେ ଧରିଥିବା ପାଚିଲା ଅମୃତଭଣ୍ଡାଟିକୁ । ନଇଁ ପଡ଼ିଥିବା ପୋଇଡଙ୍କଟିକୁ ମଞ୍ଚା ଉପରକୁ ସଳଖେଇ ଦେଲା ନିହାରିକା । ମଞ୍ଚାରେ କାକୁଡ଼ି ଗୁଡ଼ିକ ଖୁବ ସୁନ୍ଦରଭାବେ ଓହଳେଇଛନ୍ତି । ନିହାରିକାକୁ ଖୁବ ଭଲଲାଗେ କଷିକାକୁଡ଼ିକୁ ଲଙ୍କା ଲୁଣରେ ମଡ଼େଇ ଖାଇବାକୁ । ଖାଁ ଖାଁ ହୃଦୟ । ନିସ୍ତବ୍ଧ ଖରାବେଳ । କୋଇଲିଟି ବୋବେଇଲା କୁ....ଉ... ଆମ୍ବବଉଳର ଆଢୁଆଳୁ । କିଛି ଶୁଖିଲା ଆମ୍ବବଉଳ ଝରିପଡ଼ିଲା

ଚାନ୍ଦିନୀ ଉପରେ ବସିଥିବା ନିହାରିକା ଉପରେ । ନିହାରିକା ଉପରକୁ ଅନେଇଲା କୋଇଲିଟି ନିହାରିକାକୁ ଅନେଇ ପୁଣିଥରେ ବୋଲିଲା କୁ...ଉ । ଏଥର ନିହାରିକାକୁ ଟିକିଏ ଭଲ ଲାଗିଲା ମନକୁ ମନ ଭାବୁଥିଲା ମଳୟ ଫେରିଆସିବେ ତ ? କୋଇଲିଟି ନିହାରିକାର ମନକଥା ପଢ଼ିପାରିଲା ବୋଧେ, ଏଥର କୁ କୁ କୁ...ଉ କରି ଗୀତ ବୋଲିଲା ଢ଼େର ବେଳଯାଏ । ନିହାରିକାର ଅଜଣାତରେ ଓଠରେ ଧାରେ ହସର ଲହଡ଼ି ଖେଳିଗଲା ।

ଏକୁଟିଆ ଏତେ ସମୟ କୂଅମୂଳେ ବସିଲେ ଶାଶୁ ବିରକ୍ତ ହେବେ । ଶାଶୁ କିଛି ନ କହିଲେ ମଧ୍ୟ ଶାଶୁଙ୍କ ମନୋଭାବକୁ ବେଶ୍ ପଢ଼ିପାରେ । ନିହାରିକା ଉଚ୍ଚଶିକ୍ଷିତା ଚାହିଁଥିଲା ଅଧ୍ୟାପକଟିଏ ହେବା ଲାଗି । କିନ୍ତୁ ବାପମାଙ୍କର ସମ୍ମାନକୁ ସମ୍ମତି ଜଣାଇ ସେମାନଙ୍କ ପସନ୍ଦରେ ବିବାହ କରିଥିଲା ମଳୟଙ୍କୁ । ମାତ୍ର ସେ କ'ଣ ଜାଣିଥିଲା ବିବାହର ମାତ୍ର ପାଞ୍ଚଦିନ ପରେ ଝଡ଼ଟିଏ ବହିଯିବ ତା ଜୀବନରେ । ଦଲକାଏ ମଳୟ ପବନ ବହିଗଲା ଶିର୍ ଶିର୍ ହୋଇ । ଅସ୍ତବ୍ୟସ୍ତ କରିପକାଇଲା ନିହାରିକାର ମୁକ୍ତ କେଶରାଶିକୁ । ମୁଣ୍ଡର କେଶକୁ ସଜାଡୁ ସଜାଡୁ ଶୁଭିଲା କାହାର ଡାକ । ମା ମୁଠାଏ ଭିକ୍ଷାଦିଅ । କାହିଁକି କେଜାଣି ମା' ଶବ୍ଦଟି ପ୍ରତି ଖୁବ୍ ଆକୃଷ୍ଟ ହୋଇ ପଡ଼ିଥିଲା । ମୁଣ୍ଡରେ ଓଢ଼ଣିଟିକୁ ଭିଡ଼ି ଦେଇ ଭିକ୍ଷାଥାଳ ଧରି ଦାଣ୍ଡକୁ ଆସିଲା । ଭିକ୍ଷାର୍ଥୀ ଜଣକ କୋଉ ଆଶ୍ରମରୁ ଆସିଛନ୍ତି ବୋଧହୁଏ । ତାଙ୍କର ଗୈରିକ ବସନରୁ ଜଣାପଡୁଛି ସେ କୌଣସି ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟର । କମ୍ ବୟସ୍କ ସନ୍ୟାସୀ ଭିକ୍ଷାର୍ଥୀ ଜଣକୁ ଦେଖି ନିହାରିକାର ହୃଦୟରୁ ଆହାଃ ଶବ୍ଦଟିଏ ଉଚ୍ଚରିତ ହୋଇଗଲା । ମନେ ପଡୁଥିଲା ଇତିହାସର ପୃଷ୍ଠାରେ ପଢ଼ିଥିବା ସେହି ବୌଦ୍ଧ ଭିକ୍ଷୁ ସନ୍ୟାସୀଙ୍କର କଥା । ରାତ୍ରୀର ଅନ୍ଧକାରରେ ସାହାଯ୍ୟ ନେଇ ଲୁଚି ପଳାଇ ଆସିଥିଲେ ନିର୍ବାଣ ପ୍ରାପ୍ତି ଲାଗି । କେବେ ଚିନ୍ତା କରିନଥିଲେ ନିଜର ସୁନ୍ଦରୀ ଯୁବତୀ ସ୍ତ୍ରୀଙ୍କର କଥା । ଛୋଟ ଶିଶୁସନ୍ତାନମାନଙ୍କ କଥା । ତାଙ୍କର କେବଳ ଲୋଡ଼ାଥିଲା ନିର୍ବାଣ । କାହିଁକି କେଜାଣି ନିହାରିକାକୁ ଲାଗୁଥିଲା ସେହି ସନ୍ୟାସୀ ଜଣକ ନିହାତି ସୁବିଧାବାଦୀ ସ୍ୱାର୍ଥପର । ପରିବାରକୁ ସମ୍ଭାଳି ପାରିବାର କ୍ଷମତା ନଥିଲା ସେଇଥିପାଇଁ ତ ଲୁଚି ଲୁଚି ରାତିରେ ପଳାୟନ କଲେ । ଦିବାଲୋକରେ ସ୍ୱଷ୍ଟୀକରଣ ଦେଇ ଯିବାକୁ କ'ଣ ସତ ସାହସ ନଥିଲା । ପୁଣିଥରେ ମନେ ପଡ଼ିଗଲେ ମଳୟ ।

ମଳୟ ଘର ଛାଡ଼ିବାର ପ୍ରାୟ ପାଞ୍ଚ ଛଅମାସ ହୋଇଗଲାଣି । ହେଲେ ଏ ପର୍ଯ୍ୟନ୍ତ କୌଣସି ଖୋଜଖବର ନାହିଁ । ବନ୍ଧୁବାନ୍ଧବଙ୍କ ଠାରୁ ଚିହ୍ନା ପରିଚୟ ପର୍ଯ୍ୟନ୍ତ କାହାରି ପାଖରେ ମଳୟଙ୍କ ଠିକଣା ନାହିଁ । ଶାଶୁଙ୍କର ଚିଡ଼ଚିଡ଼ା ଅନେକାଂଶରେ ବଢ଼ିବଢ଼ି ଚାଲିଚି । ଶ୍ୱଶୁର ଆଜିକାଲି ଗୁମସୁମ୍ ରହୁଛନ୍ତି । ନିହାରିକା ମନରେ ସୁଖ ନାହିଁ । ଘରଟା ଯେମିତି ଆଁ କରି ଗିଳିବାକୁ ବସିଛି । ଶାଶୁ ପରାମର୍ଶ ଦେଲେ ଚାଲୁନା ଟିକେ କାଳିଆ ଦର୍ଶନ କରିଆସିବା । ହୁଏତ କାଳିଆ ଆମ ଡାକ ଶୁଣି ଆମ ପୁଅକୁ ଫେରାଇଦେବ ।

ସପରିବାର ବାହାରିଗଲେ ଦିଅଁ ଦର୍ଶନରେ । ନିହାରିକା ମନରେ ଅନକେ ଉତ୍କଣ୍ଠା । କୋଉଠି ଅଛି ମଳୟ । ଥରେ ମାତ୍ର ଦେଖା ଦିଅ । କାନିରେ ବାନ୍ଧି ରଖିବି । ଯେତେ ଶକ୍ତି ଖଟାଇଲେ ବି ଖୋଲି ପାରିବନି ସେ ଗଣ୍ଠିକୁ । ଦିଅଁ ଦର୍ଶନ ସରିଲାପରେ ହଠାତ୍ କଳ୍ପବୃକ୍ଷ ମୂଳକୁ ନଜର ପଡ଼ିଗଲା ଜଣେ ଶୁଶ୍ରୁଧାରୀ ଯୁବକଙ୍କ ଉପରେ । ଧ୍ୟାନସ୍ଥ ଥିଲେ ବୋଧହୁଏ । ଚିହ୍ନିବାକୁ ବାକି ରହିଲାନି । ଏ ଯେ ମଳୟ । ଲୀନ ହୋଇଯାଇଥିଲା ତାଙ୍କ ଚୈତନ୍ୟ କୋଉ ଏକ ଭିନ୍ନ ଜଗତରେ । କୋଉ ଏକା ଅଦୃଶ୍ୟ ଶକ୍ତିରେ ସେ ସମ୍ମୋହିତ ହୋଇ ପଡ଼ିଥିଲେ । ତାଙ୍କଠି ପହଞ୍ଚି ପାରୁନଥିଲା ବାହ୍ୟ ଜଗତରେ ତାଙ୍କ ଆତ୍ମୀୟ ମାନଙ୍କର ଆକୁଳତା ।

କି ସମ୍ମୋହନ ଥାଏ ଏ ନିର୍ବାଣ ପ୍ରାପ୍ତିରେ । ଯୋଉଠି ଛୁଇଁପାରେନା ସାରୀପୁତକୁ ମା'ର ବାତ୍ସଲ୍ୟ ପ୍ରେମ । ସିଦ୍ଧାର୍ଥକୁ ସମଗ୍ର ସଂସାରର ଐଶ୍ୱର୍ଯ୍ୟ ଆଉ ମଳୟଙ୍କୁ ବାସର ରାତିର ନବବଧୂର ପହିଲିଛୁଆଁର ଆକର୍ଷଣ । ସତରେ କ'ଣ ଥାଏ 'ନିର୍ବାଣ' ରେ କିଛି ଚୁମ୍ବକୀୟ ଶକ୍ତି । ହୁଗୁଳି ହୁଗୁଳି ଯାଉଥିଲା ନିହାରିକା ମନରେ ଥିବା ମଳୟ ପ୍ରତି ପ୍ରେମର ଗଣ୍ଠି । ମୁକ୍ତ କରିଦେଉଥିଲା ମଳୟ ପ୍ରତି ଥିବା ସମସ୍ତ ଆବିଳତା । ସେ ବି ଚାହେଁ ନିର୍ବାଣ । ଏମିତି ଚାହିଁଥିବେ ସାମ୍ରାଜ୍ଞୀ ରାଜକନ୍ୟା ଯଶୋଧାରା । ଦଲକାଏ ପବନକୁ ଆତ୍ମସ୍ଥ କରିନେଲା ନିହାରିକା । ସ୍ମିତହାସ୍ୟରେ ଶାଶୁଶ୍ୱଶୁରଙ୍କୁ କୋଳେଇ ନେଇ କହିଲା ଚାଲନ୍ତୁ ଏଥର ଘରକୁ ଯିବା । ବୋଧହୁଏ ନିହାରିକାକୁ ନିର୍ବାଣର ମାର୍ଗ ମିଳିଗଲା ।

# କରୋନା କୁ କେବେ ଭୟ କରନା

- ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ

ବର୍ତ୍ତମାନ ଏକ ଭୟର ବାତାବରଣ । ସମସ୍ତେ ବ୍ୟଗ୍ର ମାସ୍କ ବା ମୁଖ ଆବରଣ ଓ ସଂକ୍ରମଣରୋଧୀ ଦ୍ରବଣ କିଣିବାକୁ । ସ୍ୱଚ୍ଛତା ହେତୁ ବଜାରରେ ଏସବୁ ଅନୁପଲବ୍ଧ । ଆଉ ଆଗପରି ଏକାଠି ମେଳି ହୋଇ ପାରୁନାହିଁ । ଏଇ କିଛିଦିନ ହେଲା ଆମେ ସମସ୍ତେ ଅଚ୍ଛେ ବହୁତେ ଏ ସବୁ ଅସୁବିଧା ସହ ପରିଚିତ ହୋଇ ଗଲେଣି । ଭାରତ ଓ ଓଡ଼ିଶାରେ ମଧ୍ୟ ଏହି ମହାମାରୀ ନିଜର ଉପସ୍ଥିତି ଜାହିର କରିସାରିଲାଣି । ସବୁଠି ସେଇ କୋଭିଡ୍ ୧୯, ଯାହା ସାରା ବିଶ୍ୱରେ ଏବେ କୋକୁଆ ଭୟ ସୃଷ୍ଟି କରୁଛି । କରୋନା ଅଣୁଜୀବନ ପୃଥିବୀରେ ଖୁବ ଶିଘ୍ର ବ୍ୟାପୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସାରା ବିଶ୍ୱରେ କରୋନା ଅଣୁଜୀବନ ଆକ୍ରାନ୍ତ ୪୩୦୦୦ ବ୍ୟକ୍ତିଙ୍କକ ୯୮୮୦ ଜଣ ଏଥିଲାଗି ମୃତ୍ୟୁବରଣ କଲେଣି । ଯଦିଓ ଏହା ଚୀନ୍ ଦେଶରୁ ଏହାର ଉତ୍ପତ୍ତି ହୋଇଥିଲା ତେବେ ଏହା ଦେଶ ବିଦେଶରେ ଦୃତଗତିରେ ବ୍ୟାପିବାକୁ ଲାଗିଛି । କରୋନା ହେଉଛି ପଶୁ ମାନଙ୍କୁ ସଂକ୍ରମିତ କରୁଥିବା ଏକ ଅଣୁଜୀବନ । କରୋନାକୁ ମିଶାଇ ଏହା ପରି ସାତଗୋଟି ଅଣୁଜୀବ ମଣିଷ ମାନଙ୍କୁ ସଂକ୍ରମିତ ହୋଇଥାଏ, ଯାହାର ଲକ୍ଷଣ ସାଧାରଣ ଥଣ୍ଡାପରି । ଅନ୍ୟଦୁଇ ପ୍ରକାର ଅଣୁଜୀବ ହେଉଛି, ମାର୍ସ (ମଧ୍ୟପୂର୍ବ ଶ୍ୱାସକ୍ରିୟା ସମସ୍ୟା ଲକ୍ଷଣ) ଓ ସାର୍ସ (ଅତ୍ୟନ୍ତ ଜଟିଳ ଶ୍ୱାସକ୍ରିୟା ସମସ୍ୟା ଲକ୍ଷଣ) । ଏହି ଦୁଇ ଅଣୁଜୀବ କରୋନା ଅପେକ୍ଷା ଅଧିକ ମାରାତ୍ମକ । କରୋନା ଅଣୁଜୀବ ମାର୍ସ ଓ ସାର୍ସ ଠାରୁ ଅପେକ୍ଷାକୃତ କମ୍ ମାରାତ୍ମକ । କାରଣ ମାର୍ସ ଜନିତ ମୃତ୍ୟୁହାର ୩୦ ପ୍ରତିଶତ ଥିବାବେଳେ ସାର୍ସ ଜନିତ ମୃତ୍ୟୁହାର ୧୦ ପ୍ରତିଶତ ଥିଲା । ମାର୍ସ ଓ ସାର୍ସ ମଧ୍ୟ କରୋନା ଭାଇରସ୍ ଜାତୀୟ ଅଣୁଜୀବନ । ୨୦୦୨ ମସିହାରେ ସାର୍ସ ଚୀନରେ ଦେଖା ଦେଇଥିଲା । ଏହାଦ୍ୱାରା ଆକ୍ରାନ୍ତ ହୋଇଥିବା ୮୦୦୦୦ ବ୍ୟକ୍ତିଙ୍କ ମଧ୍ୟରୁ ୭୦୦ଜଣ ମୃତ୍ୟୁବରଣ କରିଥିଲେ । ମାର୍ସ, ଜୋର୍ଡ଼ାନରେ ୨୦୧୨ ମସିହାରେ ଦେଖା ଦେଇଥିଲା । ଏହି ବ୍ୟାଧି ଦ୍ୱାରା ଆକ୍ରାନ୍ତ ହୋଇଥିବା ୨୫୦୦ ବ୍ୟକ୍ତିଙ୍କ ମଧ୍ୟରୁ ୮୫୦ ଜଣ ମୃତ୍ୟୁବରଣ କରିଥିଲେ । କରୋନା ଅଣୁଜୀବନ ଚୀନ ଦେଶର ୟୁହାନ ସହରରେ ଥିବା ଆଦ୍ରକବଜାରରୁ ଉତ୍ପତ୍ତି ହୋଇଛି ବୋଲି ବିଶ୍ୱାସ କରାଯାଏ । କାରଣ ସେହିଠାରେ ମୃତ ଏବଂ ଜୀବନ୍ତ ମାଛ, ପକ୍ଷୀ ଓ ପଶୁ ଆଦି ବିକ୍ରୟ କରାଯାଇଥାଏ । ସେଠାରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ସଂକୀର୍ଣ୍ଣ ପରିବେଶରେ ଆବଶ୍ୟକତା ଠାରୁ ବହୁ ଅଧିକ ଗହଳି ଜୀବନ୍ତ ମାଛ, ପକ୍ଷୀ ଓ ପଶୁମାନଙ୍କୁ ଆବଦ୍ଧ କରି ରଖାଯାଇଥାଏ ଓ ଗ୍ରାହକଙ୍କ ଚାହିଦା ମୁତାବକ ସେମାନଙ୍କ ସମ୍ମୁଖରେ ବର୍ବରଭାବେ ହତ୍ୟା କରାଯାଇ ବିକ୍ରି କରାହୁଏ । ଏଣୁ ଏହି କରୋନା ଅଣୁଜୀବନ ସେଠାରେ ଥିବା ଜୀବନମାନଙ୍କ ଠାରୁ ମଣିଷକୁ ସଂକ୍ରମିତ ହୋଇଥିବାର ଆଶଙ୍କା କରାଯାଇଛି । ଯଦିଓ ୟୁହାନ ସହରର ସେହି କଂସେଇଖାନାରେ ବାଦୁଡ଼ି ବିକ୍ରି କରାଯାଏ ନାହିଁ, ତଥାପି ଏହି ରୋଗ ବାଦୁଡ଼ି ମାଧ୍ୟମରେ ସେଠାରେ ରଖାଯାଇ ଥିବା ଏହି ପଶୁପକ୍ଷୀଙ୍କୁ ଠାବ କରାଯାଇ ପାରିନାହିଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ସୂଚନାରୁ ଜଣାଯାଏ ଯେ କରୋନା ବ୍ୟାଧି ଜନିତ ମୃତ୍ୟୁହାର ବିଶ୍ୱରେ ମାତ୍ର ୦.୭ ପ୍ରତିଶତ । କିନ୍ତୁ ଚିନର ୟୁହାନ ସହରରେ ଏହାର ଭୟାବହତା ଅଧିକ ହୋଇଥିବାର କାରଣ ହେଉଛି ସେଠାରେ ଅବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା । ଏହି ରୋଗର ପ୍ରାରମ୍ଭିକ ଲକ୍ଷଣ ହେଉଛି - ଜ୍ୱର, ଶୁଖିଲା କାଶ, ଥକ୍କାପଣ, ଅସ୍ୱସ୍ତିକର ଲାଗିବା । ଚୀନ ଦେଶ କତୃପକ୍ଷଙ୍କ ସୂଚନା ମୁତାବକ ଏହି ବ୍ୟାଧିଗ୍ରସ୍ଥ ୮୦ ପ୍ରତିଶତ ବ୍ୟକ୍ତି ସ୍ୱଚ୍ଛ ଅବଧିଲାଗି ସାମାନ୍ୟ ଅସୁସ୍ଥ ହୋଇଥିବା ସ୍ଥଳେ ୨୦ ପ୍ରତିଶତ ରୋଗୀ ଡାକ୍ତରୀ ଚିକିତ୍ସା ଦରକାର କରିଥାନ୍ତି ଓ ବିଭିନ୍ନ ଦେଶର ପରିବେଶ ଅନୁଯାୟୀ ଏହି ରୋଗର ମୃତ୍ୟୁ ହାରରେ ତାରତମ୍ୟ ଦେଖା ଦେଇଥାଏ ।

ପ୍ରାୟତଃ ଉଚ୍ଚ ରକ୍ତଚାପ, ମଧୁମେହ ରୋଗୀ ଓ ବୃଦ୍ଧ ଲୋକମାନେ ଅଧିକ ସଂଖ୍ୟାରେ ଏହି ରୋଗରେ ସଂକ୍ରମିତ ହୋଇଥାନ୍ତି । ସ୍ପାନିସ୍ ଇନ୍‌ଫ୍ଲୁଏଞ୍ଜା ବା ଏଡୱାନ ଏନ୍‌ୱାନ ସବୁଠାରୁ ଘାତକ ଥଣ୍ଡା ଜନିତ ବ୍ୟାଧି । ଆଧୁନିକ ଇତିହାସରେ ଏହା ସବୁଠାରୁ ମାରାତ୍ମକ ଶର୍ଦ୍ଦି, ଯାହାକି ୨୦୦୯ ମସିହାରେ ସ୍ୱାଇନ ଫ୍ଲୁ ଭାବେ

ଆସି ସାରା ପୃଥିବୀରେ ୫୭୫୪୦୦୦ ଲୋକଙ୍କ ଜୀବନ ହାନି କରିଥିଲା । କରୋନା ଅଣୁଜୀବ ବା ଭାଇରସ ଏହିସବୁ ବ୍ୟାଧିଠାରୁ ଅତ୍ୟନ୍ତ କମ୍ ଭୟଙ୍କର । ଏହାର ଉପସମ ପାଇଁ ଯଦିଓ ଚିକିତ୍ସକମାନେ ଶର୍ଦ୍ଦି ପାଇଁ ବ୍ୟବହୃତ ଅନ୍ୟାନ୍ୟ ଔଷଧକୁ ରୋଗୀ ଉପରେ ପ୍ରୟୋଗଶାଳାରେ ଅସାବଧାନତାରୁ ଏହି ଦୁର୍ଘଟଣା ଘଟିବାର ଭ୍ରାମାତ୍ମକ ତଥ୍ୟ ସମ୍ପୂର୍ଣ୍ଣ କପୋଳକଳ୍ପିତ । ଚୀନ ବ୍ୟତୀତ ଏହି ବ୍ୟାଧି ଇଉରୋପ, ଆମେରିକା ଏବଂ ଏସିଆ ମହାଦେଶର ପ୍ରାୟ ୧୫୦ ରୁ ଊର୍ଦ୍ଧ୍ୱ ଦେଶରେ ଦେଖା ଦେଲାଣି । ଇରାନ, ଇଟାଲୀ ଆଦି ଦେଶରେ ମଧ୍ୟ ଏହି ରୋଗର ଭୟାବହତା ଅନୁଭୂତ ହେଉଛି । ଏଣୁ ଦେଶ ଭ୍ରମଣକାରୀ ପର୍ଯ୍ୟଟକମାନଙ୍କୁ ଏହି ସମୟରେ ଅନ୍ୟକୌଣସି ଦେଶକୁ ଭ୍ରମଣ କରିବାପାଇଁ ନିଷେଧ କରାଯାଇଛି । ସାଧାରଣ ଥଣ୍ଡା, ଜ୍ୱର ଓ ଶର୍ଦ୍ଦି ପରି ଏହି ରୋଗ ମଧ୍ୟ କାଶ ଛିଙ୍କ ବା ସ୍ପର୍ଶ ମାଧ୍ୟମରେ ସଂକ୍ରମିତ ବ୍ରକ୍ତିଠାରୁ ଅନ୍ୟ ସୁସ୍ଥ ମଣିଷକୁ ଆକ୍ରାନ୍ତ କରିଥାଏ । ସେଥିପାଇଁ ନିଜକୁ ସୁରକ୍ଷିତ ରଖିବାପାଇଁ ନିଜେ ନିଜର ହାତକୁ ସାବୁନ ଅଥବା ସଂକ୍ରମଣରୋଧୀ ଦ୍ରବଣରେ ଭଲ ଭାବରେ ପରିଷ୍କାର ରଖିବା ଉଚିତ୍ ।

ଯୁବ ଓ ଛାତ୍ର ଛାତ୍ରୀମାନେ କରୋନା ସମ୍ପର୍କୀତ ଅପପ୍ରଚାର ଜନିତ ଡର ରୋକିବା ତଥା ପରିବେଶକୁ ସୁସ୍ଥ ରଖିବାରେ ଏକ ସକ୍ରୀୟ ତଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବେ । ଗୋଷ୍ଠୀସ୍ତରରେ ସାମୁହିକ ଭାବେ ଏହି ରୋଗକୁ ସମୂଳଭାବେ ନିରାକରଣ କରିହେବ । ଏହାର ପ୍ରଭାବକୁ ଅତ୍ୟନ୍ତ ସୀମିତ କରିହେବ । ଲୋଡ଼ା କେବଳ ଏକ ସହଯୋଗୀ ମନ ଓ ସାହାସିକ ସତର୍କ ପଦକ୍ଷେପ ।

ଏହି ବ୍ୟାଧିକୁ ପ୍ରତିହତ କରିବା ପାଇଁ ଆମେ ସମସ୍ତେ ଏପରି ଉଦ୍ୟମ କରିପାରିବା, ଯେପରିକି କୌଣସି ଜନଗହଳି ପୂର୍ଣ୍ଣ ସ୍ଥାନକୁ ନିହାତି ଦରକାର ନପଡ଼ିଲେ ନଯିବା । ଏଥିଲାଗି ରାଜ୍ୟ ତଥା କେନ୍ଦ୍ର ସରକାର ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖାଯାଇଛି, ସନ୍ତରଣାଗାର, ଗୋଷ୍ଠୀ କେନ୍ଦ୍ର, ବିପଣୀ କେନ୍ଦ୍ର, ବ୍ୟାୟାମଶାଳା, ପ୍ରେକ୍ଷାଳୟ ଆଦି ବନ୍ଦ ରଖାଯାଇଛି । ବିଭିନ୍ନ ଶ୍ରେଣୀ ଓ ବର୍ଗର ବୃଦ୍ଧ, ବୟସ୍କ ଓ ଶିଶୁମାନଙ୍କୁ କରୋନା ପ୍ରତିହତ ସମ୍ପର୍କରେ ସଚେତନ କରାଯାଉଛି । ବାରମ୍ୱାର ହାତକୁ ସାବୁନ ଅଥବା ସଂକ୍ରମଣରୋଧୀ ହାତଧୁଆ ଦ୍ରବଣରେ ଧୋଇ ପରିଷ୍କାର ରଖିବା ଓ କରୋନା ସଂକ୍ରମିତ ବ୍ୟକ୍ତିଙ୍କୁ ମୁଖ ଆବରଣ ପିନ୍ଧିବାକୁ ସଚେତନ କରାଯାଇଛି । ଆମେ କାଶ କିମ୍ବା ଛିଙ୍କ ସମୟରେ ରୁମାଲ, ଟିସୁ କାଗଜ ଅଥବା ନିଜର ତୁଣ୍ଡିକୁ ବ୍ୟବହାର କରି ଏହି ସଂକ୍ରମଣକୁ ରୋକି ପାରିବା । ପରିବେଶ ସ୍ୱଚ୍ଛ ରଖିବାଦ୍ୱାରା ଏହି କରୋନା ଅଣୁଜୀବ ବା ଭାଇରସକୁ ମଧ୍ୟ ଦୂରେଇ ଦେଇ ହେବ । ଅତ୍ୟନ୍ତ ଦରକାର ନହେଲେ ଘରୁ ନ ବାହାରିବା ଭଲ । ଏହି କରୋନା ଭାଇରସ୍ ନାସା, ଗଳା ଓ ଫୁସଫୁସ୍ କୁ ଆକ୍ରାନ୍ତ କରିଥାଏ, ତେଣୁ ସଂକ୍ରମିତ ବ୍ୟକ୍ତିମାନଙ୍କୁ ମୁହଁର ଅଧିକାଂଶ ଭାଗକୁ ଘୋଡ଼ାଇ ରଖିବାକୁ ପରାମର୍ଶ ଦିଆଯାଇଥାଏ । ଯଦ୍ୱାରା ଅନ୍ୟକେହି ତାଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହେବେନାହିଁ । କିନ୍ତୁ ସୁସ୍ଥ ବ୍ୟକ୍ତିମାନେ ମୁହଁ ଘୋଡ଼ାଇବା ଅନୁଚିତ । କାରଣ ଏହା ଅନ୍ୟମାନଙ୍କ ମଧ୍ୟରେ କରୋନା ସଂକ୍ରମଣର ଭୟ ସଂଚରିତ କରିଥାଏ । ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିମାନେ ଟିକିଏ ଅଧିକ ସତର୍କ ରହିବା ଉଚିତ୍ । ଯଦି କୌଣସି ବ୍ୟକ୍ତି କରୋନା ଆକ୍ରାନ୍ତ ବୋଲି ଜଣାପଡ଼େ ବା ଆଶଙ୍କା କରୁଥାନ୍ତି, ତେବେ ଡାକ୍ତରଙ୍କ ପରାମର୍ଶକରି ରୋଗୀକୁ ୧୪ ଦିନ ପର୍ଯ୍ୟନ୍ତ କରୋନା ପାଇଁ ଉଦ୍ଦିଷ୍ଟ ପୃଥକ ଚିକିତ୍ସାଳୟରେ ନିରୋଗ ହେବା ପର୍ଯ୍ୟନ୍ତ ଚିକିତ୍ସା କରାଇବା ଆବଶ୍ୟକ । ଜାହାଜରେ ବିଦେଶରୁ ଆମଦାନି ହୋଇଥିବା ଦ୍ରବ୍ୟ ବ୍ୟବହାର ଉପରେ କଟକଣା କରିବା । ତେବେ ଆମେ କରୋନା ସମ୍ପର୍କରେ କୌଣସି ଭ୍ରମାତ୍ମକ ବା ଭୁଲ ତଥ୍ୟର ପ୍ରସାରଣକୁ ପ୍ରତିରୋଧ କରିବା । ଏହାହିଁ ହେବ କରୋନାର ପ୍ରକୃତ ମୁକାବିଲା, ଯାହା ଆମ ପାଇଁ ଏକ ଆହ୍ୱାନ ।

ଓଡ଼ିଶା ରାଜସ୍ୱ ସେବା ଅଧିକାରୀ, ଢ଼େଙ୍କାନାଳ ।

# ସାବସ ବିଲୁଆ

- ଅଙ୍କିତା ପାଢ଼ୀ

ଜଙ୍ଗଲଟି ବିଶାଳ ବୃକ୍ଷରେ ପରିପୂର୍ଣ୍ଣ ହୋଇଥିଲା । ଜଙ୍ଗଲ ମଝିରେ କୁଳୁକୁଳୁ ହୋଇ ବୋହି ଯାଉଥିବା ଝରଣାଟିରୁ ଜଙ୍ଗଲରେ ରହୁଥିବା ପ୍ରାଣୀମାନେ ମନଭରି ମଧୁର ଜଳ ପିଇ ନିଜର ତୃଷ୍ଣା ନିବାରଣ କରୁଥିଲେ । ଜଙ୍ଗଲଟି ବିଶାଳ ବୃକ୍ଷମାନଙ୍କର ଗନ୍ତାଘର ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ସେଇ ଜଙ୍ଗଲରେ ଶାଳ, ପିଆଶାଳ ଶାଗୁଆନ ଚନ୍ଦନ ଆଦି ମୂଲ୍ୟବାନ ବୃକ୍ଷମାନଙ୍କର ବାସସ୍ଥାନ ଥିବା ସହିତ ହାତୀ, ବାଘ, ସିଂହ, ହରିଣ, ଭାଲୁ, ବରାହ ଆଦି ପଶୁମାନଙ୍କର ବାସସ୍ଥାନ ଥିଲା ମଧ୍ୟ ।

ଜଙ୍ଗଲର ରାଜା କହିଲେ ସିଂହକୁ ବୁଝାଏ ହେଲେ ସେଇ ଜଙ୍ଗଲରେ କିଛି ବ୍ୟତିକ୍ରମ ଦେଖାଯାଇଥିଲା । କାରଣ ସେଇ ଜଙ୍ଗଲର ରାଜା ମହାବଳ ବାଘ ଥିଲା । ବାଘ ଶକ୍ତିଶାଳୀ ଥିବାରୁ ସିଂହକୁ ରାଜା ହେବାକୁ ଦେଉନଥିଲେ । ସିଂହ ବିଚରା ନିଜ ଭାଗ୍ୟକୁ ଆଦରି ରହୁଥାଏ । ସିଏ ବା କ'ଣ କରିପାରିବ । ବାଘ ଜାତି ଜ୍ଞାନ ଶୂନ୍ୟ । ବାଘ କେତେବ ଆଗ ପଛ ଚିନ୍ତା କରିନଥାଏ । ବାଘ ହୃଦୟରେ କେବେ କାହା ପ୍ରତି ଦୟା ଆସିନଥାଏ । ବାଘ କେବେ ଭଲ ଓ ଖରାପ ବିଷୟରେ ଜାଣି ପାରିନଥାଏ ।

ରାଜା ଆଗରେ ସମସ୍ତ ଜନତା ସମାନ । ଜଣେ ରାଜା ନିଜ ଅଧିନସ୍ତ ରାଜ୍ୟର ସମସ୍ତ ପ୍ରଜା ପାଇଁ ଗୁରୁତ୍ୱପୂର୍ଣ୍ଣ ଓ ରାଜାଙ୍କ ପାଇଁ ନିଜର ସମସ୍ତ ପ୍ରଜା ସମାନ । ହେଲେ ଜଙ୍ଗଲ ମଧ୍ୟରେ ଯେତେକ ପ୍ରାଣୀ ଥାନ୍ତି ସେମାନଙ୍କ ମଧ୍ୟରେ ରାଜା ହେବାର ଯୋଗ୍ୟତା କେବଳ ସିଂହର ହିଁ ଥାଏ । ସିଂହ କେବେ ଗର୍ଭବତୀ, ନିରୀହ, ଶିଶୁ, ଅପାରଗ ଓ ରୋଗୀର ଶିକାର କରେନାହିଁ । ସିଂହ କେବଳ ଜଙ୍ଗଲର ରାଜତ୍ୱର କର୍ତ୍ତବ୍ୟ ସମ୍ପାଦନ କରିଥାଏ ।

ମହାବଳ ବାଘ ଅତ୍ୟନ୍ତ ପରାକ୍ରମଶାଳୀ, ଦୁର୍ଦ୍ଦାନ୍ତ ଓ ଧୃଷ୍ଟ ପ୍ରକୃତିର ଥିଲା । କୌଣସି ପ୍ରଜାର ଦୁଃଖ ଦୁର୍ଦ୍ଦଶା ବିଷୟରେ ବୁଝିବାକୁ କଦାପି ଚେଷ୍ଟା କରେନାହିଁ । ବାଘ ପାଇଁ କିଏ ଗର୍ଭବତୀ ଓ କିଏ ରୋଗୀ ଜାଣିବାର ସମୟ ନଥାଏ । ବାଘର ପ୍ରକୋପ ବଢ଼ିବାରେ ଲାଗିଲା । ସମସ୍ତ ପ୍ରାଣୀ ଶେଷରେ ସିଂହ ନିକଟରେ ପହଁଚିଲେ । ସିଂହ ବହୁତ ଗମ୍ଭୀର ଓ ଧର୍ଯ୍ୟବନ୍ତ ପ୍ରାଣୀ ଅଟେ । ସିଂହ ହିଂସ୍ର ହୋଇପାରେ ହେଲେ ତା ମଧ୍ୟରେ ରାଜତ୍ୱର ଗରୀମା ଓ ପରାକାଷ୍ଠା ରହିଥାଏ ।

ସମସ୍ତ ପ୍ରଜାଙ୍କର ତ୍ରାହି ତ୍ରାହି ଶବ୍ଦରେ ପ୍ରକମ୍ପିତ ହେଉଥାଏ ବିଶାଳ ଜଙ୍ଗଲ । କମ୍ପିଯାଉଥାନ୍ତି ଶାଳ, ଶଗୁଆନ, ପିଆଶାଳ ଆଦି ବୃକ୍ଷମାନେ । କାନ୍ଦି ଉଠୁଥାଏ ମଧୁର ଲୋତକରେ କଳ କଳ ହୋଇ ଅଭିମାନିନୀ ଝରଣା । ହଠାତ ବୀର ଦର୍ପରେ ଠିଆହୋଇ ବିଲୁଆ କହିଲା ମଣିମା ତମେ ଆପଣେ ରାଜା ଥାଉ ଥାଉ ବାଘ ମାମୁ କାହିଁକି ଏମିତି ଅତ୍ୟାଚାର କରିବ ?

ଅନ୍ୟ ପଶୁମାନେ ମଧ୍ୟ ଏକ ସ୍ୱରରେ କହି ଉଠିଲେ ଜବାବ ଦିଅନ୍ତୁ ମଣିମା ଜବାବ ଦିଅନ୍ତୁ ?

ମହାରାଜ ସିଂହ ନିଜର ବକ୍ତବ୍ୟରେ କହିଲେ - ହେ ପଶୁପକ୍ଷୀ ବୃନ୍ଦ ! ମୁଁ ନିରୁପାୟ, ମୁଁ ସେଇ ହିଂସ୍ର ମହାବଳର ସାମ୍ନା କରି ପାରିବି ନାହିଁ । ଯାହାର ଜ୍ଞାନ ନାହିଁ ତାକୁ ଅଜ୍ଞାନୀ କୁହାଯାଏ । ବାହୁବଳୀ ମଧ୍ୟ କୁହାଯାଏ । ବାହୁବଳୀ ହେବା କେବଳ ନିମିଶ ମାତ୍ର ।

ମହାରାଜ ସିଂହଙ୍କର ବକ୍ତବ୍ୟ ସମସ୍ତ ପଶୁ ଓ ପକ୍ଷୀମାନଙ୍କୁ ଆତ୍ମମୁଗ୍ଧ ଥିଲା ହେଲେ ନ୍ୟାୟ ଆଶାରେ ସେମାନେ ଏକ ଲୟରେ ସିଂହ ନିକଟକୁ ଚାହିଁ ରହିଥିଲେ । ସିଂହ ପୁଣିଥରେ ନିଜର ବକ୍ତବ୍ୟରେ କହିଲେ ମୋ ପ୍ରିୟ ଭାଇ ଭଉଣୀମାନେ, ତୁମେମାନେ ଜାଣିଛ ଯେ ମହାବଳ ମୋତେ ଆକ୍ରମଣ କରି ରାଜଗାଦୀରୁ ବିତାଡ଼ିତ କରିଛି । ମରଣାତ୍ମକ ଆକ୍ରମଣରୁ ନିଜକୁ ରକ୍ଷା କରି ମୁଁ ପାଖ ଜଙ୍ଗଲରେ ଲୁଚି ଲୁଚି ବୁଲୁଛି । ହେଲେ ମୋର ମନ୍ତ୍ରୀ ବିଲୁଆ ନିଶ୍ଚୟ କୌଣସି ବୁଦ୍ଧି ଓ ଉପାୟ ଚିନ୍ତା କରିଥିବେ । ସେ ହିଁ ଆମକୁ ଉପାୟ ବତେଇବେ ।

ବିଲୁଆ କହିଲା ହଁ ଯେ ହେଲେ ମୋତେ ସହଯୋଗ କରିବା ଦରକାର । ମୋତେ ସହଯୋଗ କଲେ ମୁଁ ନିଶ୍ଚୟ ଉପାୟ ଦେବି । ନିଶ୍ଚୟ ବାଘକୁ ପାନେ ଦେବି । ଏଥିରେ ସମସ୍ତ ପଶୁ ଓ ପକ୍ଷୀ ସହମତି ଦେଲେ । ବିଲୁଆ କହିଲା ଠିକ୍ ଅଛି ତୁମେମାନେ ନିଜ ବାସସ୍ଥାନକୁ ଯିବାପୂର୍ବରୁ ଗୋଟେ କଥା ମନେ ରଖ ଯେ

ସବୁବେଳେ ସଜାଗ ରହିବ । ମୁଁ ଯାଉଛି ସିଧା ବାଘ ମାମୁ ପାଖକୁ । ଦେଖିବା କେଉଁ ପାଣି କୁଆଡ଼େ ଯାଉଛି । ବିଲୁଆ କଥାରେ ସହମତି ଦେଇ ସମସ୍ତ ପଶୁ ନିର୍ଭୟରେ ନିଜ ବାସସ୍ଥାନକୁ ଚାଲିଗଲେ ।

ବିଲୁଆ ସଭା ସାଙ୍ଗ ହେବାପରେ ଯାଇ ବାଘମାମୁଙ୍କ ପାଖରେ ହାଜର । ବାଘ ମାମୁ ସିଂହାସନରେ ବସି ରକ୍ତାକ୍ତ ହରିଣର ଗୋଡ଼ଟିଏ ଧରି କଡ଼ ମଡ଼ କରି ଖାଇବାରେ ଲାଗିଛନ୍ତି । ବିଲୁଆକୁ ଦେଖି କହି ପକାଇଲେ କ'ଣ ଖବର କହ । ହରିଣ ମାଂସର ସ୍ୱାଦ ବହୁତ ମଧୁର ଓ ମନ ଭିତରେ ଶାନ୍ତି ଆସିଗଲା । ହଉ କହିପକା କ'ଣ ଖବର । ବିଲୁଆ – ମଣିମା ସିଂହ ରାଜା ହେବା କଥା କହୁଛି । ମଣିମା ସିଏ ସବୁ ପଶୁଙ୍କୁ ଡାକି ଡାକି କହୁଛି ମୁଁ ଜଙ୍ଗଲର ରାଜା ଥିଲି ଓ ମୁଁ ହିଁ ରାଜା ହେବି । କ'ଣ କହିଲୁ ! ତାର ଏତେ ସାହସ । ମରିବ ସେ ନିଶ୍ଚୟ ମରିବ । କହି ବାଘ ଗର୍ଜନ କରିବାରେ ଲାଗିଲା । ସମ୍ପୂର୍ଣ୍ଣ ପ୍ରସସ୍ଥ ଜଙ୍ଗଲ ପ୍ରକମ୍ପିତ ହୋଇ ଗଲା ବାଘର ଗର୍ଜନରେ । ବିଲୁଆ କହିଲା ମଣିମା ବୃଥାଟାରେ ଗର୍ଜନ କରି କ'ଣ ମିଳିବ ଯେ । ତମେ ଆପଣେ କିଛି ଉପାୟ କରନ୍ତୁ । ମୋତେ ଭାରି ଭୋକ ହେଲାଣି ମୁଁ ଚାଲିଲି ।

ନେ ଏଇ ଜଂଘ ମାଂସରୁ ଖଣ୍ଡେ ଖାଇଦେ । କହି ଫୋପାଡ଼ି ଦେଲା ଖଣ୍ଡେ ହରିଣ ମାଂସ ପେଣ୍ଡୁଳା ବିଲୁଆ ପାଖକୁ । କେହି କାହାକୁ ପଦେ କଥା ବି ହେଉନାହାନ୍ତି । ଠେକୁଆ ଗୋଟେ ଲୋକ, ତାକୁ ଡାକିଲି ଠେକୁଆ ଭାଇ, ଠେକୁଆ ଭାଇ ଟିକେ ଶୁଣ । ହେଲେ ସେ ଶୁଣିବା ତ ଦୂରର କଥା ଅନେଇଲା ନାହିଁ । ଏବେ ସବୁ ପଶୁମାନେ ମନଇଚ୍ଛା ବ୍ୟବହାର କରୁଛନ୍ତି । ଯାହାକୁ କହିଲେ ବାଘ ରାଜାଙ୍କୁ ଦେଖା କରିବ, ସେମାନେ କହୁଛନ୍ତି କିଏ ବେ ସେ ବାଘ ଆମ ରାଜା ତ ସିଂହ । ଆମେ କଉ ବାଘ ଫାଗକୁ ଜାଣିନୁ ।

ବିଲୁଆର କଥା ଶୁଣି ବାଘର ରାଗ ଆହୁରି ଦୁଇଗୁଣ ହୋଇଗଲା । ପେଟ ପୁରା ଖାଇ ଦେଇଥିବାରୁ ଚାଲିବାକୁ ଭାରି କଷ୍ଟ ହେଉଥାଏ । କହିଲା ଠିକ୍ ଅଛି ମୁଁ ଆଜି ଶୋଇ ଯାଉଛି କାଲି ସେ ସିଂହର ବିଚାର କରିବି କହି ଶୋଇଗଲା ମହାବଳ ବାଘ ।

ବିଲୁଆର ପେଟ ପୁରି ଯାଇଥାଏ । ସେ ଏବେ ଜଙ୍ଗଲରେ ବୁଲିବାକୁ ଆରମ୍ଭ କଲା । ପ୍ରଥମେ ଗଲା ହାତୀ ପାଖକୁ ଓ କହିଲା ଭାଇ ତୁମେ ଟିକେ ମତେ ସାହାଯ୍ୟ କରିବ । ହାତୀ ରାଜି ହୋଇ ବିଲୁଆ ସାଥିରେ ଚାଲିଲା । ଜଙ୍ଗଲର ଏକ ପାର୍ଶ୍ୱରେ ଗୋଟିଏ ବିରାଟ ଗର୍ତ୍ତ ଥାଏ । ଗର୍ତ୍ତଟି ବହୁତ ଗଭୀର ଥିଲା ହେଲେ ଯିଏ ସେଥିରେ ପଡ଼ିଯାଏ ଆଉ ବାହାରି ପାରେନାହିଁ । କିନ୍ତୁ ଗର୍ତ୍ତଟି ସମସ୍ତଙ୍କୁ ଦେଖା ଯାଉଥିବାରୁ କେହି ସେପାଖରେ ଯିବା ଆସିବା କରନ୍ତି ନାହିଁ । ଗର୍ତ୍ତର ଭିତର ପାର୍ଶ୍ୱକୁ ଦେଖିଲେ କେବଳ ପ୍ରାଣୀମାନଙ୍କର ଧବଳ ହାଡ଼ ଛଡ଼ା କିଛି ଦେଖାଯାଏ ନାହିଁ ।

ବିଲୁଆ ହାତୀକୁ ନେଇ ସେ ଗର୍ତ୍ତ ଦେଖେଇ କହିଲା ହାତୀ ଭାଇ ଏଇ ତୁମ ଦ୍ୱାରା ସମ୍ଭବ ହୋଇପାରିବ । ତୁମେ ଲମ୍ବା ବାଉଁଶ ଉପାଡ଼ି ଆଣି ଏଇ ଗର୍ତ୍ତ ଉପରେ ବିଛାଇ ଦିଅ । ଯେମିତି ଏହି ଗର୍ତ୍ତ କାହାରିକୁ ଜଣା ପଡ଼ିବ ନାହିଁ । ବିଲୁଆ ହାତୀକୁ ଏହି କାମଦେଇ ସିଧା ସିଂହ ନିକଟକୁ ଗଲା ଓ କହିଲା ମଣିମା ତୁମେ ଗର୍ତ୍ତର ଅପର ପାର୍ଶ୍ୱରେ ଛିଡ଼ା ହୋଇ ରହିବ । ବାଘ ଯେତେବେଳେ ତୁମ ଉପରେ ଲମ୍ଫ ପ୍ରଦାନ କରିବ ସେତେବେଳେ ସେ ଏଇ ଗର୍ତ୍ତରେ ପଡ଼ିବ ଓ ପ୍ରାଣ ତ୍ୟାଗ କରିବ । ଏଥର ସମସ୍ତ ଯୋଜନା କ୍ରମରେ ବିଲୁଆ ପ୍ରାଣୀମାନଙ୍କୁ କହିଲା ତୁମେ କେହି ବାଘକୁ ଦେଖା ଦେବନାହିଁ ଓ କିଛି ତୃଣଭୋଜି ପ୍ରାଣୀକୁ କହିଲା ତୁମେ ସିଂହ ମହାରାଜଙ୍କ ନିକଟରେ ରହିବ ଯେମିତି ବାଘ ଯେତେବେଳେ ଦେଖିବ ଆହୁରି ଅଧିକ ରାଗି ଯାଇ ସିଧା ଆଗ ପଛ ନ ଭାବି ଆକ୍ରମଣ କରିବ ।

ଏଥର ବିଲୁଆ ଚାଲିଲା ବାଘ ପାଖକୁ । ବାଘ ନିକଟରେ ପହଞ୍ଚି କହିଲା ମହାରାଜ ମୁଁ ସିଂହ କୋଉଠି ଅଛି ତା'ର ପତା ଲଗେଇ ଆସିଛି । ସିଂହ ବହୁତ ବଦମାସ ହୋଇ ଗଲାଣି । ମଣିମା ତାକୁ ନିଶ୍ଚୟ ପାନେ ଦେବା ଆବଶ୍ୟକ । ଜାଣନ୍ତି ମହାରାଜ ସିଂହ ବଣର ଯେତେକ ତୃଣଭୋଜି ପଶୁ ଅଛନ୍ତି ସମସ୍ତଙ୍କୁ ଡକେଇ ସଭା କରୁଛି । ତା'ର ଏତେ ସାହସ ବାଘ ପାଖକୁ କେହି ଯିବ ନାହିଁ କହି ବାରଣ କରୁଛି ।

ବାଘର ଏବେ ନିଜ ଉପରେ ଭାରସାମ୍ୟ ରହିଲାନାହିଁ । ଦୌଡ଼ିଲା ବିଲୁଆ ସାଥିରେ ସିଂହ ରହିଥିବା ଜାଗାକୁ । ଦଉଡ଼ି ଦଉଡ଼ି ଯାଇ ପହଞ୍ଚିଲେ ସିଂହ ଥିବା ଜାଗାରେ । କିଛି ଦୂରରୁ ବିଲୁଆ କହିଲା ମହାରାଜ ମୁଁ ସେଠାକୁ ଯିବିନାହିଁ କାରଣ ସେ ମୋତେ ଦେଖିଲେ ମାରିଦେବ । ତାର ଯୋଉ ମୁନିଆ ନଖ । ଦୂରରୁ ଟିକେ ଦେଖନ୍ତୁ ମହାରାଜ କେମିତି ପଶୁମାନେ ବେଢ଼ି ରହିଛନ୍ତି ସିଂହକୁ । ବାଘ କହିଲା ଡରପୋକ ମୋ ସହିତ ଚାଲ । ତୋର କିଏ କ'ଣ କରିବ ଦେଖିବା । ଫାଡ଼ି ଦେବି ଚିରିଦେବି କହି ଗର୍ଜନ କରିବାରେ ଲାଗିଲା ବାଘ ।

ବାଘ କହିଲା ବିଲୁଆ ମୋ ସହିତ ଚାଲ କହି ଦୌଡ଼ିବାରେ ଲାଗିଲା । ରାଗରେ ଦୌଡୁ ଥିବାରୁ ବାଉଁଶ ତଳେ ଗର୍ତ୍ତ ଜାଣି ପାରିଲା ନାହିଁ । ସିଧା ଗର୍ତ୍ତ ମଧ୍ୟରେ ଯାଇ ହାଜର । ଏବେ

ବାହାରକୁ ବାହାରିବା କଷ୍ଟ । ହାତୀ ବାଉଁଶ ଆଡ଼େଇ ଦେବାରୁ ପଶୁମାନେ ଚାରିପାଖରୁ କହିଲେ ମଣିମା ଆପଣଙ୍କର କ'ଣ ହେଲା ଏବେ କ'ଣ ନୂଆ ରାଜ୍ୟକୁ ଚାଲିଗଲେକି । ବିଲୁଆ କହିଲା ବାଘଭାଇ ଏବେ ତୁ ଏଇ ଗର୍ତ୍ତ ରାଜ୍ୟର ରାଜା ହୋଇକି ଥା ।

ଏବେ ବାଘ ଯେତେ ଚିଲେଇଲେ କିଏ ଶୁଣେ । ସବୁ ପଶୁ ସିଂହକୁ ରାଜା ବନେଇ ସୁଖରେ ବସବାସ କଲେ । ଜଙ୍ଗଲର ଭାରସାମ୍ୟ ଅନୁସାରେ ପ୍ରାଣୀମାନଙ୍କର ବଞ୍ଚିବାର ରାହା ମିଳିଲା । ସମସ୍ତେ ବିଲୁଆର ଚାଲାକି ପାଇଁ ସାବସ ବିଲୁଆ କହି ବିଲୁଆକୁ ପ୍ରଧାନ ମନ୍ତ୍ରୀର ଦାୟିତ୍ୱ ଦେଲେ ।

ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ
ଗଗବନବାବୁ ଛକ, ଏଡ଼ତାଳ, ଭଦ୍ରକ ।

POWER HOUSE

DISTRIBUTOR

LUMINOUS, EXIDE, AMCO

MADHUPATNA, SAMRAT HALL, CUTTACK
RAM MANDIR ROAD, PHULBANI
MAIN ROAD, NAYAGARH
MOB. : 94371 24943



# ପ୍ରତିଶୋଧ

ମହେଶ୍ୱର ସାହୁ

ଆକ୍ରମଣର ପ୍ରତି ଆକ୍ରମଣ ଓ ସତ୍ୟର ବିଜୟ ପାଇଁ ଅସତ୍ୟ ନୀତି ଆଦରିବା ଏ ମଣିଷ ସଭ୍ୟତାରେ ଏକ ପ୍ରକାର ପ୍ରସ୍ତୁତି ଅଟେ । କ୍ଳାନ୍ତ ମନ ଓ ଉଦାସିଆ ମଣିଷକୁ ଦୁର୍ବଳ ଓ ରୋଗଗ୍ରସ୍ତ କରିଦିଏ । ମଣିଷ ବଞ୍ଚିବା ପାଇଁ କେତେକ ନୀତି ଓ ଆଦର୍ଶର ଦିଗ ଧାରଣ କରିଥାଏ । ଏଥିପାଇଁ ଆଜି ମଣିଷ ଶ୍ରେଷ୍ଠଜୀବ ହିସାବରେ ଦୁନିଆକୁ ନିଜ ଆୟତ୍ତରେ ରଖି ପାରିଛି । ଶ୍ରାବଣୀ ବହୁତ ଶାନ୍ତ, ସରଳ, ନିରୀହ, ଧୀର ଓ ନମ୍ର ଶୋଭାବର ଝିଅଟିଏ । ଲେଖିବା ଓ ପଢ଼ିବା ସହିତ ରୁଚି ରଖିଥାଏ ବ୍ୟାୟାମ ଉପରେ । ସକାଳ ସୁରୁଜ ନ ଉଇଁବା ଆଗରୁ ଉଠି ନିଜର ନିତ୍ୟକର୍ମ ଭାବରେ ଅଧଘଣ୍ଟା ବ୍ୟାୟାମ କରେ । ବ୍ୟାୟାମ କରିବା ସହିତ ନିଜ ଘର ପାଖ ଉଦ୍ୟାନରେ ଟିକେ ବୁଲାବୁଲି କରିଥାଏ ।

ଆଜି ରବିବାର ବିଦ୍ୟାଳୟ ବନ୍ଦ ଥିବାରୁ ସକାଳେ ଉଠି ବ୍ୟାୟାମ କରି ଉଦ୍ୟାନକୁ ଯାଇଥାଏ । ଉଦ୍ୟାନର ଶୋଭା ଅତ୍ୟନ୍ତ ଆକର୍ଷଣୀୟ ହୋଇ ଥିବାରୁ ବହୁତ ଖୁସି ହୁଏ ଶ୍ରାବଣୀ ।

ସକାଳ ସମୟ ଶ୍ରାବଣୀ ପହଞ୍ଚି ଯାଇଛି ଉଦ୍ୟାନ ଭିତରେ ଓ ଏକ ବିଶାଳ କାୟ ସର୍ପ ଦେଖି ପ୍ରବଳ ଭୟଭୀତ ହୋଇଗଲା । ସର୍ପଟି ଉଦ୍ୟାନ ମଧ୍ୟରେ ବୁଲି ବୁଲି ଝିଣ୍ଟିକା , ବେଙ୍ଗ, ମୂଷା ଆଦି ପ୍ରାଣୀମାନଙ୍କୁ ଆହାର ରୂପେ ଗିଳି ଚାଲିଛି । ଶ୍ରାବଣୀ ଦେଖିଲା ସର୍ପଟି ବଡ଼ ଭୟଙ୍କର ଓ ବିଶାଳ କାୟ ମଧ୍ୟ । ପାଖରେ ପଡ଼ିଥିବା ଏକ ବାଉଁଶ ବାଡ଼ି ଧରି ଆଘାତ କରିଥିଲା ସର୍ପ ଉପରେ । ସର୍ପ ନିଜର ଫଣା ଉଠେଇ ବହୁତ ଗର୍ଜନ କରି ମୁଖରୁ ବିଷ ଉଦ୍ଗାର କରିବାରେ ଲାଗିଲା । ଶ୍ରାବଣୀ ନିଜ ହୃଦୟରେ ସାହସ ବାନ୍ଧି ପୁଣି ଆଘାତ କରିବାରେ ଲାଗିଲା । ଏମିତି ଦେହ ସାରା ନିର୍ଘାତିଆ ପ୍ରହାର ଯୋଗୁ ସର୍ପଟି ମୃତ୍ୟୁ ମୁଖକୁ ଯାଇଥିଲା । ଶ୍ରାବଣୀ ଶେଷରେ ଘରକୁ ଦଉଡ଼ି ଦଉଡ଼ି ପଳେଇ ଆସିଲା । ଘରେ ଆସି ବାପା ମାଆ ଓ ଅନ୍ୟ ସଦସ୍ୟମାନଙ୍କୁ ଘଟଣା ସମ୍ପର୍କରେ ଜଣେଇବାରୁ ସମସ୍ତେ ଶ୍ରାବଣୀ ସାହସକୁ ବହୁତ ସାବାସୀ କରିଥିଲେ ।

ଶ୍ରାବଣୀ ବିନା ଦୋଷରେ ବିଶାଳ ଗୋଖର ସର୍ପକୁ ହତ୍ୟା କରିଥିଲା ସତ୍ୟ ହେଲେ ତା'ର ମନ ସବୁବେଳେ ଅଶାନ୍ତି ରହୁଥାଏ । ମନେ ମନେ ଭାବେ ମୁଁ ନିର୍ଦ୍ଦୋଷରେ ସର୍ପଟିକୁ ହତ୍ୟା କରିବା ମୋର ବହୁତ ବଡ଼ ଭୁଲ ଓ ମୁଁ ବଡ଼ ଅନ୍ୟାୟ କରିଛି । ଏମିତି ନିଜର ହୃଦୟରେ ଅନୁତାପର ଅନଳ ପ୍ରଜ୍ୱଳିତ ହୋଇ ଚାଲିଥାଏ ।

ଲୋକେ କୁହନ୍ତି କୌଣସି ସର୍ପକୁ ହତ୍ୟା କରିବା ପରେ ତାର ଶବକୁ ପୋଡ଼ିଦିଅ ନହେଲେ ତାର ଆଖି ନଷ୍ଟ କରିଦିଅ । ହେଲେ ଶ୍ରାବଣୀ ସର୍ପଟିକୁ ହତ୍ୟାକରି ଉଦ୍ୟାନ ମଧ୍ୟରେ ଛାଡ଼ି ଆସିଥାଏ ।

ସର୍ପଟି ମରିବା ପରେ ତାର ଯୋଡ଼ି ସର୍ପ ଶବ ପାଖରେ ପହଞ୍ଚି ଯେତେବେଳେ ଅଘଟଣ ଦେଖିଲା ବହୁତ ଦୁଃଖ ପ୍ରକାଶ କଲା । ଶବରୁ ଦୁର୍ଗନ୍ଧ ବାହାରିବା ଯାଏ ଶବ ପାଖରେ ଜଗି ରହି କାନ୍ଦିବାରେ ଲାଗିଲା । ହେଲେ ମରିଥିବା ପ୍ରାଣୀ କେବେ ଜୀବନ୍ତ ହୁଏନାହିଁ । ଥରେ ଶରୀରରୁ ପ୍ରାଣ ବାୟୁ ଉଡ଼ିଗଲା ପରେ ଆଉ କେବେ ଫେରି ଆସେନା । ସେମିତି ଯୋଡ଼ି ସର୍ପଟି ଶବଟିକୁ ଜଗିଜଗି ଶେଷରେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ଶବର ଆଖିକୁ ଦୃଷ୍ଟି ଗୋଚର କଲେ । ସେ ଯେତେ ନିରକ୍ଷଣ କରୁଥାଏ ତାକୁ କେବଳ କୌଣସି ଏକ ମଣିଷ, ଯିଏ କି ଜଣେ ଝିଅର ବାଉଁଶ ବାଡ଼ିରେ ପ୍ରହାର ଘାତର ଛବି ଦୃଶ୍ୟମାନ ହେଉଥାଏ । ଏମିତି ବହୁତ ସମୟ ଧରି ନିରୀକ୍ଷଣ କରିବାପରେ ନିଜ ହୃଦୟକୁ ପ୍ରତିଶୋଧର ଶାନ୍ତି ଉନ୍ମେଚିତ ହୋଇଥିଲା । ନାଁ ନାଁ ଚକ୍ଷୁର ଲୋତକ ନିମିଶ ମାତ୍ର ଓ ହୃଦୟରୁ କାଢ଼ି ଦେଇଥାଏ ଦୁଃଖ ଓ ଗ୍ଲାନିର ଭାବନା । ସେମିତି ଯୋଡ଼ି ସର୍ପଟି ଏବେ ଜାଣିପାରିଲା ଯେ ନିଜକୁ ଦୁଃଖରେ ମ୍ରିୟମାଣ କରି ତିଳତିଳ କରି ଜାଳିବା ଅପେକ୍ଷା ପ୍ରତିଶୋଧ ନିତ୍ୟାନ୍ତ ଆବଶ୍ୟକ । ହଁ ମୋ ପ୍ରାଣ ପ୍ରିୟାର ହତ୍ୟାରୀଠୁଁ ମୁ ପ୍ରତିଶୋଧ ନେବି । ଫଁ ଫଁ ଗର୍ଜନରେ କମ୍ପିଯାଇଥାଏ ଉଦ୍ୟାନ । ଉଦ୍ଗାର କରୁଥାଏ କାଳ କୂଟ ଜହର । କାଳ କୂଟ ଜହରରେ ଭସ୍ମ ହୋଇଯାଉଥାଏ ଆଖ ପାଖର କୀଟ ପତଙ୍ଗ ।

ଯୋଡ଼ି ସର୍ପଟି ଏବେ ଚିହ୍ନିବାକୁ ଇଚ୍ଛା କଲା କିଏ ସେ

ମଣିଷ । କିଏ ସେ ନାରୀ ଯିଏ କି ପାପୀ ଓ ହତ୍ୟାକାରୀ । କିଏ ସେ ମୂଢ଼ମତି ଦୁର୍ମତି । ଛାଡ଼ିବି ନାହିଁ ତାକୁ ନିଶ୍ଚୟ ତାର ପ୍ରତିଶୋଧ ନେବି । ଏମିତି ଭାବି ଯୋଡ଼ି ସର୍ପଟି ଆଗକୁ ଆଗକୁ ମାଡ଼ି ଚାଲିଲା ଯେଉଁଠି ଶ୍ରାବଣୀର ଘର ।

ଆଜି ସକାଳେ ଶ୍ରାବଣୀ ବଡ଼ିଭୋରୁ ଉଠି ମୁହଁ ଧୋଇ ବ୍ୟାୟାମ କରିବାକୁ ଯାଇ ଦେଖେ ତ ଗୋଟିଏ ବିଶାଳକାୟ ସର୍ପ । ତାର ମନେ ପଡ଼ି ଯାଇଥିଲା ସେଇ ଦିନର କଥା ଯେଉଦିନ କି ଉଦ୍ୟାନରେ ଏକ ସର୍ପକୁ ସେ ନିର୍ମମ ଭାବରେ ବାଡ଼େଇ ବାଡ଼େଇ ହତ୍ୟା କରିଥିଲା । ସେ ସର୍ପଟି ତ ମରିଯାଇଛି ହେଲେ ଏଇଟା ପୁଣି କିଏ । ମନରେ ଟିକେ ଭୟ ଆସୁଥିଲା ହେଲେ ସର୍ପଟି ଅର୍ନ୍ତଧ୍ୟାନ ହେଲା ଭଳି କୁଆଡ଼େ ଉଭେଇ ଯାଇଥିଲା ।

ଏମିତି ଶ୍ରାବଣୀ ବାରମ୍ବାର ସର୍ପଟିକୁ ଦେଖୁଥାଏ ହେଲେ ଶ୍ରାବଣୀ ଆଘାତ କରୁନଥାଏ କି କରିବାକୁ ଚେଷ୍ଟା କରୁ ନଥାଏ । ଶ୍ରାବଣୀ ଆଜି ସ୍ୱପ୍ନ ଦେଖୁଛି ଏକ ଅଜବ ସ୍ୱପ୍ନ ଓ ସ୍ୱପ୍ନରେ କେବଳ ତାକୁ କେହି କହୁଛି ପ୍ରତିଶୋଧ ନେବି ଏବଂ ସ୍ୱପ୍ନରେ ସର୍ପ ଦର୍ଶନ ମିଳୁଛି ।

ଶ୍ରାବଣୀ ନିଜର ମନର କଥା ନିଜ ବାପା ଓ ମାଆଙ୍କୁ ଜଣେଇବାରୁ ବାପା ଓ ମାଆ ବୁଝେଇ କହିଲେ ବ୍ୟସ୍ତ ହେବାର କିଛିନାହିଁ । ତୁ ସେ ସର୍ପଟିକୁ ହତ୍ୟାକରି ବହୁତ ଦିନ ବିତି ଯାଇଛି । ହେଲେ ତୁ ସେଇକଥାକୁ କାହିଁକି ବାରମ୍ବାର ପୁନରାବୃତ୍ତି କରୁଛୁ ।

କୌଣସି କଥାକୁ ପୁନରାବୃତ୍ତି କଲେ ନିଜକୁ ଓ ହୃଦୟକୁ ଆଘାତ ମିଳିଥାଏ । ତେଣୁ ତୁ ସେ ସବୁ ନିଜ ମୁଣ୍ଡକୁ ନନେଇ ନିଜ ପାଠ ପଢ଼ାରେ ବ୍ୟସ୍ତ ରହିଲେ ତୋର ମଙ୍ଗଳ । ଏମିତି କହି ବାପା ବଳରାମ ବାବୁ ଶ୍ରାବଣୀକୁ ବୁଝେଇ ଦେଲେ ସିନା ମାଆ ମନ ମାନୁଛି କୋଉଠୁ । ମାଆ ସୁଲୋଚନା କହିଲେ ହେଇଟି ଶୁଣିଛ ତମେ ଟିକେ ଯାଇ ଗୁଣିଆକୁ ଦେଖା କରି କୁହ ନା କାହିଁକି ସେ ସର୍ପଟି ଆମ ଝିଅ ପଛରେ ପଡ଼ିଛି ।

ବଳରାମ ବାବୁ ହିଁ କହିଦେଇ ଆଖ ପାଖରେ ସର୍ପ ବିଷ କାଟି କରୁଥିବା ଜଣେ ତାନ୍ତ୍ରିକ ଗୁଣିଆକୁ ଦେଖାକରି ସବୁ କଥା କହିଲେ । ଗୁଣିଆ ସବୁକଥା ଶୁଣି ସର୍ବଶେଷରେ କହିଲା - ଯେଉଁ ସର୍ପକୁ ତୁମ ଝିଅ ହତ୍ୟା କରିଛି ସେଇ ସର୍ପର ଯୋଡ଼ି ସର୍ପ ତମ ଝିଅର ଜୀବନ ନୋବକୁ ବସିଛି । ହେଲେ ତମ ଝିଅକୁ ସେଥିରୁ ବଞ୍ଚେଇବା କଷ୍ଟସାଧ । ତମେ ସେ ମାରିଥିବା ସର୍ପକୁ ଯଦି ପୋଡ଼ି ଦେଇଥାନ୍ତ କି ଜାଳି ଦେଇଥାନ୍ତ ତେବେ ଏଇ ଦୁର୍ଘଟଣା ତୁମ ଉପରକୁ ଆସିନଥାନ୍ତା । ହେଲେ ଏଇ ସର୍ପଟି ଯଦି ମରିଥିବା ସର୍ପର ଯୋଡ଼ି ସର୍ପ ହୋଇଥାଏ ତେବେ ମୁଁ ତୁମ ଝିଅକୁ ବଞ୍ଚେଇ ପାରିବିନାହିଁ । ମୋତେ କ୍ଷମା କର ।

କିନ୍ତୁ ମୁଁ ଗୋଟେ ସର୍ପଭୟ ନିବାରକ ପାଉଁଜି ଦେଉଛି ତୁମେ ନେଇଯାଅ ଓ ତୁମ ଝିଅ ଗୋଡ଼ରେ ବାନ୍ଧି ଦିଅ । କାରଣ ଏଇ ପାଉଁଜି ଶବ୍ଦରେ କୌଣସି ସର୍ପ ପାଖକୁ ଆସିବେନାହିଁ । ବଳରାମ ବାବୁ ତାନ୍ତ୍ରିକ ପାଖରୁ ଫେରି ଝିଅ ଗୋଡ଼ରେ ପାଉଁଜି ବାନ୍ଧିଦେଲେ । ଏବେ ସେଇ ପାଉଁଜି ଶବ୍ଦ ଯୋଡ଼ି ସର୍ପ ପାଇଁ କାଳ ସାଜିଲା । ଶ୍ରାବଣୀ ପାଖକୁ ପହଞ୍ଚିବା ତା ପାଇଁ କଷ୍ଟ ସାଧ୍ୟ ହେଲା । କେମିତି ପ୍ରତିଶୋଧ ନେବ ଭାବିବାରେ ଲାଗିଲା ।

ଏବେ ଯୋଡ଼ି ସର୍ପଟି ସୁବିଧା ଓ ସୁଯୋଗ ଖୋଜିବାରେ ଲାଗିଲା । ଯେତେବେଳେ ସୁଯୋଗ ମିଳିବ ନିଶ୍ଚୟ ଆକ୍ରମଣ କରିବବୋଲି ଆଗ୍ରହ ଓ ଇଛାରେ ଘୁରି ଚାଲିଲା ପାଖେ ପାଖେ, ହେଲେ ଆଉ ଦେଖା ଦେଲା ନାହିଁ ଶ୍ରାବଣୀକୁ । ଶ୍ରାବଣୀ ଏବେ ଚିନ୍ତା ମୁକ୍ତ । ଏତେ ବର୍ଷ ବର୍ଷ ବିତିଗଲା । ଆଉ ସର୍ପର ଦର୍ଶନ ନ ମିଳିବାରୁ ଶ୍ରାବଣୀ ନିଜ ପାଦର ପାଉଁଜି ଖୋଲି କାଢ଼ି ଦେଇଥିଲା । ଆଉ ସେ ମଧ୍ୟ ଭୁଲି ଯାଇଥିଲା ଯେ କି ତାକୁ କେହି ସର୍ପ ଦଂଶନ କରିବାକୁ ଚାହୁଁଥିଲା । ଏଇ ପରିପ୍ରେକ୍ଷୀରେ ଶ୍ରାବଣୀର ଏକ ଉତ୍ତମ ବର ସହିତ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ପଙ୍କଜ ସହିତ । ବିବାହ ମଧ୍ୟ ସରିଯାଇଥାଏ, ଏକ ଅଜଣା ସହରରେ ହେଲେ ଯୋଡ଼ି ସର୍ପଟି ଚତୁର୍ଥୀ ସରଞ୍ଜାମ ପଠା ଯାଇଥିବା ଗାଡ଼ିରେ ଲୁଚି କରି ରହିଥିଲା ।

ବିବାହ ପରେ ବାପା ପଠେଇଥିବା ଚ୍ତୁର୍ଥୀ ସରଞ୍ଜାମ ସହିତ ନିଜର କାଳ ହୋଇ ଯୋଡ଼ି ସର୍ପଟି ଯାଇ ପହଞ୍ଚି ଯାଇଥିଲା ସେହି ଶ୍ରାବଣୀର ଶଶୁରଘରେ । ସେଠାରେ ମଧ୍ୟ ସୁରକ୍ଷିତ ପହଞ୍ଚି ଅପେକ୍ଷା କରିଥିଲା ଶ୍ରାବଣୀର ବାସର ରାତିର ସେଜକୁ । ଜୀବନ କୌଣସି ଏକ ଭୁଲ ସବୁବେଳେ ନିଜ ପାଇଁ କାଳ ହୋଇ ଘୁରି ବୁଲୁଥାଏ । ସେମିତି ଶ୍ରାବଣୀ ପାଇଁ କାଳ ହୋଇ ଘୁରି ବୁଲୁଥିଲା ଯୋଡ଼ିସର୍ପ ।

ଶ୍ରାବଣୀର ଆଜି ବାସର ରାତି । ବାସର ରାତିରେ ଅଜଣା ସ୍ୱପ୍ନରେ ମଜି ଯାଇଥାଏ ଜଣେ କୁମାରୀ । ନିଜ ଜୀବନ ଓ ଯୌବନର ପରିପକ୍ୱାତକୁ ଏହି ରାତିର ମାଦକତାରେ କୌଣସି ପୁରୁଷ ଓ ନାରୀ

ମ୍ରିୟମାଣ କରି ଏକ ଅପୂର୍ବ ଶାନ୍ତିର ଆଲୋକ ଖୋଜିଥାଏ । ଖୋଜିଥାଏ ଏକ ନିଆରା ଖୁସି ଓ ତୃପ୍ତି । ହେଲେ ଶ୍ରାବଣୀ ଏହି ଖୁସିର ସନ୍ଧାନରେ ରହିଥାଏ ।

ରାତି ହେଲା । ଯୋଡ଼ି ସର୍ପଟି ଧୀରେ ଧୀରେ ଯାଇ ବାସର ରାତିର ସେଜ ପାଖରେ ପହଞ୍ଚିଗଲା । ଯେତେବେଳେ ବର ବଧୂ ମିଳନର ସମୟ ଉପନୀତ ହେଲା ସେଇ ସମୟରେ ଶ୍ରାବଣୀକୁ ଦଂଶନ କରିଥିଲା ଯୋଡ଼ିସର୍ପ । ବାରମ୍ବାର ଚୋଟ ମାରି ଚାଲିଥିଲା ଶ୍ରାବଣୀ ପାଦକୁ । ମୁହୂର୍ତ୍ତକ ମଧ୍ୟରେ ପ୍ରାଣ ତ୍ୟାଗ କରିଥିଲା ଶ୍ରାବଣୀ ।

ଯୋଡ଼ି ସର୍ପଟି ପ୍ରତିଶୋଧ ପରାୟଣ ହୋଇ ନିଜ ହତ୍ୟାକାରୀକୁ ଏମିତି ସମୟରେ ଦଂଶନ କରିଥଲା ଯାହାଦ୍ୱାରା ସେ ମଧ୍ୟ ଯୋଡ଼ି ହୀନ ହୋଇଯାଇଥିଲା ସବୁଦିନ ପାଇଁ ।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ, ବାଲେଶ୍ୱର ।

# ଇର୍ଷାର ଫଳ ଖଟା

-ରୁଦ୍ରରୂପା ବ୍ରହ୍ମୀ
୫ମଶ୍ରେଣୀ, ଚିକିଟୀ ଗଡ଼

ଲକ୍ଷ୍ମୀପୁର ଗ୍ରାମରେ ଏକ ବିଦ୍ୟାଳୟ ଥିଲା । ସେହି ବିଦ୍ୟାଳୟର ୫ମ ଶ୍ରେଣୀରେ ରଚନା ଓ କବିତା ନାମକ ଦୁଇଜଣ ଛାତ୍ରୀ ଥିଲେ । ରଚନା ଭଲ ପାଠ ପଢ଼ିବା ସହ ଉଦାର, ସାହାଯ୍ୟକାରୀ ଓ ନମ୍ର ସ୍ୱଭାବର ଥିଲା । ଏଣୁ ତାକୁ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ସ୍ନେହ ଓ ପ୍ରଶଂସା କରୁଥିଲେ । କିନ୍ତୁ କବିତା କ୍ରୋଧୀ, ଗର୍ବୀ ସ୍ୱଭାବର ଥିଲା । ଅନ୍ୟଙ୍କ ପ୍ରତି ତାର ବ୍ୟବହାର ଖରାପ ଥିଲା । ଏଣୁ ତାକୁ କେହି ଭଲ ପାଉନଥିଲେ । କୌଣସି ପିଲା ତା ସହ ସାଙ୍ଗ ହେଉନଥିଲେ । ଏହି କାରଣରୁ ଧିରେ ଧିରେ କବିତା ରଚନାକୁ ଈର୍ଷା କରିବାକୁ ଲାଗିଲା ।

ଦିନେ କବିତା ପ୍ରଧାନ ଶିକ୍ଷକଙ୍କ ଚଷମା ଆଣି ରଚନାର ବ୍ୟାଗରେ ରଖିଦେଲା । ପ୍ରଧାନ ଶିକ୍ଷକ ଚଷମା ଖୋଜିଲା ବେଳେ ରଚନାର ବ୍ୟାଗରୁ ପାଇଲେ । ଚୋରି କରିଥିବା କାରଣରୁ ରଚନାକୁ ଦଣ୍ଡ ଦେଲେ । ଏହା ଦେଖି କବିତା ବହୁତ ଖୁସି ହେଲା । ଏହାର ଦୁଇ ଦିନ ପରେ କବିତା ପୁଣି ପ୍ରଧାନ ଶିକ୍ଷକଙ୍କ ଘଣ୍ଟା ଆଣି ରଚନାର ବ୍ୟାଗରେ ରଖିଦେଲା । ପୁଣି ପ୍ରଧାନ ଶିକ୍ଷକଙ୍କ ଯାଞ୍ଚରେ ରଚନାର ବ୍ୟାଗରୁ ଘଣ୍ଟାଟି ପାଇ ରଚନାକୁ ପୁଣି ଚୋରି ପାଇଁ କଠୋର ଦଣ୍ଡଦେଲେ । ବହୁ ଅନୁସନ୍ଧାନ ପରେ ରଚନା ଏବଂ ତା'ର ସାଙ୍ଗମାନେ କବିତା ଏହିପରି କରୁଥିବା କଥାକୁ ଜାଣି ପାରିଲେ । ପରେ କବିତାକୁ ଦୋଷୀ ବୋଲି ପ୍ରମାଣିତ କରିବାକୁ ଚାହିଁଲେ । ସେମାନେ କବାଟ ପଛପଟେ ରହି କବିତାକୁ ପ୍ରତି ମୁହୂର୍ତ୍ତରେ ଦେଖୁଥିଲେ ।

ପୁଣି ଏହାର ଦୁଇଦିନ ପରେ କବିତା ବିଦ୍ୟାଳୟର ଏକ ଦରକାରୀ କାଗଜ ଆଣି ରଚନାର ବ୍ୟାଗରେ ରଖିବାବେଳେ ରଚନା ଏବଂ ତାହାର ସାଙ୍ଗମାନେ ଦେଖୁଥିଲେ । ସାଙ୍ଗେ ସାଙ୍ଗେ ପ୍ରଧାନ ଶିକ୍ଷକଙ୍କୁ ଡକାଇ କବିତା ରଚନାର ବ୍ୟାଗରେ ରଖିବାର ଦୃଶ୍ୟ ଦେଖାଇଲେ । ପ୍ରଧାନ ଶିକ୍ଷକ ରାଗରେ କବିତା ପାଖକୁ ଯାଇ ରଚନାକୁ କ୍ଷମା ମାଗିବାକୁ କହିଲେ ଏବଂ କଠୋର ଦଣ୍ଡ ବି ଦେଲେ । କବିତା ଲାଜରେ ସଢ଼ିଯାଇ ରଚନାକୁ କ୍ଷମା ମାଗିଲା ଏବଂ ନିଜ ଭୁଲ ବୁଝି ପାରିଲା ।

ଶିକ୍ଷା - ଏଥିରୁ ଆମେ ଜାଣିଲେ ଯେ ପରର ଉନ୍ନତି ଦେଖିଲେ ଈର୍ଷା କରିବା ଉଚିତ ନୁହେଁ । ନଚେତ କବିତା ପରି ଦଶା ହେବ ।

# ସନ୍ତୁଳା ସମୀକ୍ଷା

**- ମାଧବାନନ୍ଦ ଭୋଇ**

ପେଥାଇ ଆସିଛି । କୋହଲା ପାଗକୁ କୁଣ୍ଡାଝରା ବର୍ଷା, ଦେହଯା ଶୀତେଇ ଯାଉଛି । ବାଇକ୍ ଚଲେଇ ହେଉନି । ଦେହର ଲୋମ ଗୁଡ଼ାକ ଠିଆ ହୋଇ ଗଲାଣି । ମଦ କାଉଣ୍ଟରରୁ ହାର୍ଡ଼ ଗୁଡ଼ିକ ବି ଗାୟବ । ଏମିତି ଥଣ୍ଡାରେ କିଙ୍ଗ୍ ଫିସର ବିୟର ଦି'ଟା ଧରାଇ ଦେଲା ମାଇକେଲ୍ । ଫରେନ୍ ଲିକରରେ ଯେଉଁ ମଜା, ତାହା କ'ଣ ବିୟରରେ ମିଳିବ । ଧେତ୍ ! ଅନ୍ୟମନସ୍କ ହୋଇ ବାଇକ୍ ଚଲାଉଥିଲା ପାକୁନ୍ । ଏଠି କେଉଁଠି ପିଇ ହେବନି । ଅଡଶପୁର ସରିଗଲା ପରେ ପ୍ରାଚୀ କୂଳରେ ଇଉକାଲ ପଟାସର ଡେଙ୍ଗାଳିଆ ଗଛ ଗୁଡ଼ିକ ସହିତ ପେସ୍ତା ବାଦାମ ବଣ । ଟିକେ ନିଛାଟିଆ ଲାଗେ । ଏଠି ପ୍ରାଚୀ କେବେ ଅଳସୀ କନ୍ୟା ହୋଇ ବେସୁରା ଗୀତ ଗାଏ ତ କେବେ ଯୌବନା ନାରୀଟିଏ ହୋଇ ଅଡଶପୁର ରାସ୍ତା ଲଂଘିଯାଏ । ପାକୁନ୍ ବାଇକଟିକୁ ଗୋଟେ ଗଛର ଆଢୁଆଳରେ ରଖି ଦି'ହାତରେ ବିଅର ଦି'ଟା ଧରି ଆଗକୁ ବଢ଼ି ଚାଲିଲା । ଝିପ୍‌ଝିପ୍ ବର୍ଷା ଯୋଗୁ ଘାସଗୁଡ଼ିକ ଟିକେ ଓଦା ହୋଇଯାଇଛି । ଲଥ୍ କରି ବସିଗଲା । ଶଳା ମସ୍ତ ଚିଲ୍ ହୋଇଛି ବେ । ଗାଣ୍ଡିଆ ସଂଗରେ ବେଶ୍ ଜମିବ । ଢକ୍ ଢକ୍ ଢକ୍ ବିୟର୍‌ର ଫେଣ ଗୁଡ଼ିକ ଉତୁରି ଆସିଲା ପ୍ଲାଷ୍ଟିକ ଗ୍ଲାସ ଭିତରୁ । ମନେ ମନେ ଟିକେ ହସି ଦେଲା ପାକୁନ୍ । ସତରେ ବିୟରର ଫେଣ ଗୁଡ଼ିକ ପ୍ରେମିକା ଦେଖାଉଥିବା ସ୍ୱପ୍ନ ପରି ଲାଗେ । ସମୟ ଯେତେ ବଢ଼େ, ବିୟରର ଫେଣ ଗୁଡ଼ିକ କମି ଗ୍ଲାସ ଅଧା ହୋଇଯାଏ, ସେମିତି ପ୍ରେମିକା ସ୍ୱପ୍ନ ଦେଖାଇ କେତେବେଳେ ଦୂରେଇ ଯାଏ । ଶେଷରେ, ଆଃ....ଜୀବନରେ ଖାଲି ଥାଏ ଦୀର୍ଘଶ୍ୱାସ । ଏମିତି ଜୀବନଟା ତା'ର କୋଉ ଭଲ କି ? ଆଜି ପାଗଟା କୋହଲା ଥିବାରୁ ପକୁଡ଼ି ଦି'ଟା ଶ୍ରୀମତୀକୁ ଛାଣିବା କଥା କହିଲା । ହେଲେ ସକାଳୁ ସକାଳୁ ପାକୁନର ବେଳା ଖରାପ ପଡ଼ିଗଲା । ବେଲଜ୍ୟାକୁ ଲାଜ ମାଡୁନି, ଯିଏ ଟିକେ କସମେଟିକ୍ ଆଣି ଦେଇପାରୁନି, ସେଥିରେ ତେଲ ଭାଜି ଖାଇବା ପାଇଁ ଜିଭ ଲାଳେଇ ଯାଉଛି ।

ଶଃ! ସତରେ କି ଅଭିଶପ୍ତ ଜୀବନ । ଏଠି ବି ଟିକେ ଶାନ୍ତିରେ ପିଇବାକୁ ଦେବେନି । ପିଇବା ଆରମ୍ଭ ହେଲା ବେଳକୁ ତିନୋଟି ଛୁଆ ଆସି ପହଞ୍ଚିଲେ । ବୟସ ଚାରିପାଞ୍ଚବର୍ଷ ମଧ୍ୟରେ ହେବ ବୋଧେ, ଦୁଇଜଣ ପୁଅ ଆଉ ଗୋଟେ ଝିଅ । ପାକୁନ୍ ହଡବଡ଼େଇ ଗଲା । ପାଖରେ ସାତ ଆଠ ବଖରା ଛାତଘର । କେଉଁ କାଳର ପୁରୁଣା ଘରଗୁଡ଼ିକ କେଜାଣି । ବେଳେବେଳେ ଇଟା ଭାଟି ଶ୍ରମିକମାନେ ପିଲା ଛୁଆ ଧରି ରୁହନ୍ତି । ହେଲେ ଏମାନେ କିଏ ? ପିଲାମାନଙ୍କର ଚୁଟି ଗୁଡ଼ିକ ଏତେ ନୁଖୁରା ଥିଲା ଯେ, କିଛି ଚୁଟି କହରିଆ ପଡ଼ି ଯାଇଥିଲା । ହୁଏତ ମୁଣ୍ଡରେ କେଉଁକାଳୁ ତେଲ ଟିକେ ବାଜି ନଥିଲା । ପିନ୍ଧିଥିବା ନେଳିଆ ଜିନ ପ୍ୟାଣ୍ଟରେ କେଉଁ କାଳୁ ଧୂଳି ଜମି ମାଟିଆ ମାଟିଆ ଦେଖା ଯାଇଥିଲା । ପ୍ୟାଣ୍ଟର ଚେନ୍ ଖରାପ ହୋଇଯାଇ ଥିବାରୁ ଖଣ୍ଡିଆ ସେଫ୍ଟିପିନ୍ ମାରି ପିନ୍ଧିବାରେ ପ୍ରୟାସ କରି ଅସଫଳତା ହିଁ ଗରୀବ ଜୀବନର ହତାଶା ହିଁ ବାରି ହୋଇ ପଡୁଥାଏ । ଏତେ ହତାଶା ଜୀବନ ମଧ୍ୟରେ କିଛି ଅହେତୁକ ପ୍ରାପ୍ତି ଆଶରେ ପିଲା ତିନୋଟିଙ୍କର ଆଖିରେ ଗୁଇନ୍ଦା ଚାହାଣୀ ପରି ଝଲସି ଉଠୁଥିଲା । ହେଲେ କମ୍ ବୟସର ଛୁଆମାନଙ୍କ ସମ୍ମୁଖରେ ବିୟର୍ ପିଇବାକୁ ପାକୁନକୁ ଲାଜ ଲାଗୁଥିଲା ।

- କ'ଣ କିରେ? କୁଆଡ଼େ ତମେମାନେ ?

- ବାବୁ, ବୋତଲ ।

- ବୋତଲ ? କ'ଣ ବୋତଲ ।

- ବାବୁ, ଆପଣ ପିଇ ଦେଲେ ଖାଲି ବୋତଲ ଆମେ ନେଇଯିବୁ । ଦୁଇଟି ବୋତଲ ବିକିଲେ ପାଞ୍ଚଟଙ୍କା ମିଳିବ । ଆମେ ବିସ୍କୁଟ କିଣି ଖାଇବୁ ।

-କାଇଁ ଘରେ ବାପା ବୋଉ ନାହାନ୍ତି?

-ମୂଲ ଲାଗି ଯାଇଛନ୍ତି ବାବୁ । ମାଆ ଆମର ଆସୁଥିବ ଯେ । ସେ ଭୋବନିଶରରେ କାମ କରେ ।

ତେବେ ବେଳେବେଳେ ଏମିତି ହୁଏ । କଥା ଗପୁ ଗପୁ କଥା ସତ ହୋଇଯାଏ । ନିକଟରେ ଥିବା ପୁରୁଣା ଛାତ ଘରକୁ ପ୍ରାୟ ଚାଳିଶି ବର୍ଷିୟା ମହିଳା ଜଣେ ପ୍ରବେଶ କଲେ । ହାତରେ ପୁରୁଣା ଭ୍ୟାନିଟକୁ ଝୁଲାଇ ଝୁଲାଇ ପିଲାମାନଙ୍କୁ ତୀର୍ଯ୍ୟକ୍ ଭାବରେ ଦୃଷ୍ଟି ଦେଇ ତରତର ହୋଇ ପଶିଗଲେ । ପିଲା ତିନୋଟି କିନ୍ତୁ ବୋତଲ ନେବା ଚକ୍କରରେ ପାକୁନର ପାଖ ଛାଡୁ ନଥାନ୍ତି । ଗୋଟେ ବୋତଲ

ସରି ଯାଇଥିଲା । ପାକୁନ୍ ବିରକ୍ତରେ ଢାଳି ଦେଲା ପ୍ରାଚୀର ବାଲିଆ ଭୂଇଁରେ । ବିୟରର ଫେଣ ଗୁଡ଼ିକ ସଁ ସଁ ହୋଇ ଭୁଟି ମାରିଲା ବେଳେ ପିଲାମାନେ ଫେଁ ଫେଁ କରି ହସି ଉଠିଲେ । ପିଲାମାନଙ୍କର ହସ ଶୁଣି, ଛାତ ଘରେ ପ୍ରବେଶ କରିଥିବା ମହିଳା ଜଣକ ମାତୃ ସୁଲଭ ପୂର୍ବକ ଆକଟିବା ଛଳରେ ଝପଟି ଆସିଲେ । ନୀରବି ଗଲେ ପିଲା ଗୁଡ଼ିକ । ହେଲେ ଉକ୍ତ ମହିଳାଙ୍କୁ ଦେଖି ମୁଁ ଚମକି ପଡ଼ିଲି । ଇଏ ସାବି ସୋରେନ ନୁହେଁ ତ । ଏଇ କିଛିଦିନ ପୂର୍ବେ ପାକୁନ୍ ମାଳି ସାହି ସ୍ଥିତ ପତିତା ଉଦ୍ଧାର ସମିତିର ଏକ ସଚେତନତା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଜଣେ ଦେହଜିବୀ ଜୀବନସାରା ଏପରି ଏକ କଦର୍ଯ୍ୟ ପେଶାକୁ ଗ୍ରହଣ କରି ସନ୍ତୁଳି ହେବା ଅପେକ୍ଷା, ଜୀବନ ଯୁଦ୍ଧରେ ଅନ୍ୟ ପନ୍ଥା ଗ୍ରହଣ କରି କ'ଣ ଏକ ସୁନ୍ଦର ସଂସାରଟିଏ କରି ପାରିବ ନାହିଁ ? କୁନିକୁନି ପିଲାମାନଙ୍କ ମୁହଁରେ ଆହାର ଭରି, କଣ ଏକ ସୁନେଲି ଭବିଷ୍ୟଟିଏ ଦେଖିପାରିବ ନାହିଁ ? ପତିତାମାନଙ୍କର ଜୀବନ ଜିବୀକା କଥା ଆଲୋଚନା ହେଉ ହେଉ, ସାବି ସୋରେନ୍‌ର କେଇ ପଦ ଅଗ୍ନିବର୍ଷା କଥାରେ ପାକୁନର ମନ ଦୋହଲି ଯାଇଥିଲା ।

- କ'ଣ ଭାବୁଛ ବାବୁ, ଆପଣଙ୍କୁ ଏବେ କେଉଁଠି ଦେଖିଛି ବୋଧେ ? ହଁ ଆପଣ ସେ ସଭାରେ ଥିଲେ ନା...

-ହଁ, ହେଲେ ତମେ ଏଠି ।

କ'ଣ କରିବି ବାବୁ, ଆପଣ ତ ସବୁ ଜାଣିଛନ୍ତି । ମୋତେ ବଞ୍ଚାନ୍ତୁ ବାବୁ । ଯଦି ଏ କଥା ଲୋକମାନେ ଜାଣିବେ, ମୋ ସଂସାର ବୁଡ଼ିଯିବ । ଯେଉଁଠି ପେଟକୁ ଦାନା ଗଣ୍ଡିଏ ଆଉ ଦେହକୁ କନା ଖଣ୍ଡେ ପାଇଁ ମଣିଷ ହତାଶ ହୁଏ । ସେଠି ଇଜ୍ଜତର ମୂଲ୍ୟ କ'ଣ ଥାଏ । ନହେଲେ ମଦୁଆ ଘଇତାକୁ ନେଇ ଏ ତିନୋଟି ଛୁଆଙ୍କୁ କେମିତି ବଞ୍ଚାଇଥାନ୍ତି ?

ସାବି ସୋରେନ୍ ପିଲାମାନଙ୍କୁ ଲୁଚେଇ ସୁଁ ସୁଁ ହୋଇ କାନ୍ଦିବାରେ ଲାଗିଥିଲା । ପାକୁନ୍ ଚାହିଁ ରହିଥିଲା । ଏକ ପାର୍ଶ୍ୱରେ ଅପପୁଷ୍ଟିକର ସଢୁଥିବା ମଦୁଆ ବାପାର ପିଲା ତିନିଜଣ ଧରିଥିବା ଦୁଇଟି ବିୟର ବୋତଲକୁ ଏବଂ ଅପର ପାର୍ଶ୍ୱରେ ସନ୍ତୁଳି ହୋଇ ଜୀଅନ୍ତା ଜୁଇରେ ଜଳୁଥିବା ସାବି ସୋରେନ୍‌କୁ । ପାକୁନ୍ ନିଜର ଜୀବନ ସହିତ ସେମାନଙ୍କର ଜୀବନକୁ ଆତ୍ମ ସମୀକ୍ଷା କରୁଥିଲା । ଜୀବନରେ ଯେତେ ସଂଘର୍ଷ ହୁଏ, ମଣିଷ ସେତେ ଲହୁ ଲୁହାଣ ହୁଏ । ବିକଳରେ ଚିତ୍କାର କରେ । କେବେ ଚିତ୍କାର ଶୂନ୍ୟରେ ମିଳାଇଯାଏ ତ କେବେ କୌଣସି ଏକ ଆଶା ବାଡ଼ିର ସାହାରାରେ ବଞ୍ଚିଗଲି ବୋଲି ଦୀର୍ଘଶ୍ୱାସ ଛାଡ଼େ । ସତରେ ଜୀବନରେ ପୂର୍ଣ୍ଣତା କ'ଣ ଆସେ ?

ସାଙ୍ଗଠନିକ ସମ୍ପାଦକ ଉଦୟ ଭାନୁ,
ଭୋଦଲ, ପାଟସୁନ୍ଦରପୁର, ଫୁଲନଖରା, କଟକ ।

POWER HOUSE
DISTRIBUTOR
LUMINOUS, EXIDE, AMCO
MADHUPATNA, SAMRAT HALL, CUTTACK
RAM MANDIR ROAD, PHULBANI
MAIN ROAD, NAYAGARH
MOB. : 94371 24943


# ବିଦେଶିନୀ ବନାମ ରଜପର୍ବ

- ସୌଭାଗ୍ୟବତୀ ଗୁରୁ

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା

ଏକ ଶାନ୍ତ ଅପରାହ୍ନ । ଶାନ୍ତିଦେବୀ ବସିଥାନ୍ତି ବୈଠକ ଘରେ । ଭାରି ରକ୍ଷଣଶୀଳା, ଧର୍ମପରାୟଣ ମହିଳା । ପେପରଟା ଓଲଟେଉଥାନ୍ତି । ଏଇ ସମୟରେ ଫୋନ୍‌ଟା ରିଙ୍ଗ୍ ହେଲା । ସେପଟୁ ପୁଅ ବିକାଶର ସ୍ୱର - ମା' ଆମେ କାଲି ଦଶଟାରେ ଏୟାରପୋର୍ଟରେ ପହଞ୍ଚିବୁ । ତୁ ରାମୁ କାକାଙ୍କୁ କହିଦବୁ ସେ ଏୟାରପୋର୍ଟ ଆସିଥିବେ । ଦେଖ୍ ମା, କାଲି ପ୍ରଥମ ଥର ବନ୍ଦିତା ଆମଘରେ ପାଦ ଦେବ । ତୁ ରାଗିବୁନି ମା' । ମୁଁ ସତ କହୁଛି ବନ୍ଦିତା ତୋ ପସନ୍ଦର ଝିଅ ।

ଫୋନ୍ ରଖିଲେ ଶାନ୍ତି ଦେବୀ । ଅଶାନ୍ତିରେ ଭରା ମନ । କେମିତିବା ଅଶାନ୍ତି ହେବନି । କେତେ ସ୍ୱପ୍ନ ଦେଖିଥିଲେ ସେ । ତାଙ୍କ ପୁଅ ବଡ଼ ହେବ । ଚାକିରି କରିବ । ସେ ବୁଲି ବୁଲି ବୋହୂ ଚୟନ କରିବେ । ବାଛି ବାଛି ଗୋଟେ ସର୍ବଗୁଣ ସମ୍ପନ୍ନ ଝିଅକୁ ବୋହୂ କରିବେ । ଯିଏ ରୂପରେ, ଗୁଣରେ, ସଂସ୍କାରରେ ସବୁଥିରେ ଏକ ନମ୍ବର ହୋଇଥିବ ।

ହେଲେ କ'ଣ ହେବ ? ପାଠ ପଢ଼େଇ ପୁଅକୁ ଉଚ୍ଚଶିକ୍ଷିତ କଲେ । ପୁଅ ଚାକିରି କରିବାକୁ ବିଦେଶ ଚାଲିଗଲା । ଆମେରିକାରେ ଦୁଇ ବର୍ଷ ରହିବା ପରେ ଏଇ ବର୍ଷେ ହେବ ଅଷ୍ଟ୍ରେଲିଆ ଯାଇଛି । ସେଇଠୁ ପ୍ରେମ କରି ବାହା ହୋଇପଡ଼ିଛି ଗୋଟେ ବିଦେଶୀ ଝିଅକୁ । ଯେ କି ବଢ଼ିଛି ସମ୍ପୂର୍ଣ୍ଣ ସହରୀ ସଭ୍ୟତାରେ । ଛି-ଛି-ଛି କି ବେଳ ହେଲା କେଜାଣି ଏ ପିଲାଗୁଡ଼ା ଆଉ ବାପାମା'ଙ୍କୁ ମାନିବାକୁ ପ୍ରସ୍ତୁତ ନୁହଁନ୍ତି । ନିଜେ ନିଜେ ଦେଖି ବାହା ହେଇ ପଡୁଛନ୍ତି । କେତେ ସୁନ୍ଦର ଥିଲା ଆମ ସମୟ । ବାପା ମା ଯୋଉଠି ଠିକ୍ କରୁଥିଲେ ଆମେ ସେଇଠି ହଁ କରୁଥିଲୁ । ହଁ କରିବା ଗୋଟେ କ'ଣ ମ? ବାପା ମା ଠିକ୍ କରିବା ଅର୍ଥ ସେଇଟା ହେଲା ଆମର ହଁ । ବଡ଼ମାନେ ବାହାଘର କଥା ହେଲାବେଳେ ଆମେ କୋଉଠି କେମିତି ଟିକେ ଲୁଚିକି ପଦେ ଅଧେ ଶୁଣି ଦେଉଥିଲୁ । ଆଉ ପୁଅ ଝିଅ ପରସ୍ପରକୁ ଦେଖିବା ସେତେବେଳେ ବିଲ୍‌କୁଲ୍ ଗୋଟେ ଅସମ୍ଭବ କଥା ଥିଲା । ବାହାଘର ଦିନ ବି ଦେଖି ହେଉନଥିଲା । ଚଉଠି ରାତିରେ ଝାପ୍‌ସା ଝାପ୍‌ସା ଦୀପ ଆଲୁଅରେ ବରକନିଆ ପରସ୍ପରକୁ ଦେଖୁଥିଲେ । ତା'ପରେ ସଂସାର ଆରମ୍ଭ କଲେ ଯାଇ ଭଲ ସେ ଦେଖାଚାହାଁ ।

ଆଉ ଇଏ ଯୋଉ ଯୁଗ । ବାହାଘର ନ ହେଉଣୁ ପୁଅ ଝିଅ ଯାଇ ଆଗେ ମୁଦି ପିନ୍ଧାପିନ୍ଧି ହେଉଛନ୍ତି । ସେଇଟା ନିଜେ ଠିକ୍ କରିବା ବାହାଘର ହେଉ କି ବାପା ମା' ଠିକ୍ କରିବା ବାହାଘର ହେଉ । ମୁଦି ପିନ୍ଧା ସାରିଲେ ପୁଣି ଫିଲ୍ମ ସୁଟିଂ କରିବାକୁ ପଳାଉଛନ୍ତି । କ'ଣ ଗୋଟାଏ କହୁଛନ୍ତି ତ ତାକୁ .....ମୋର କ'ଣ ମନେ ପଡୁଛି । ସେଇ ଯୋଉ ସୁଟିଂଟା ବାହାଘର ଆଗରୁ ହୁଏ ସେଇଟା । ସେତିକିରେ କ'ଣ ସରିଲା । ବାହାଘର ସୁଟିଂ ବାହାଘର ପରେ ଗୋଟିଏ ସୁଟିଂ । ଆହୁରି ପୁଣି ପିଲା ପିଲି ହୋବକୁ ଥିଲେ ସେଇଟା ବି ଗୋଟେ ସୁଟିଂ । ଆଜି କାଲିକା ଝିଅଙ୍କୁ ଆଉ ଲାଜ ସରମ ନାହିଁ । ସେଗୁଡ଼ା ସବୁ ପୋଡ଼ିକି ଖାଇ ସାରିଲେଣି । କହିଲେ କହୁଛନ୍ତି ସେମାନେ ସବୁ ମଡନ୍ ଯୁଗର ଝିଅ । ଆଉ ଆମେ ସବୁ କାଳେ ଷାଠିଏ ମସିହା ଲୋକ । କିଛି ଅନ୍ଧବିଶ୍ୱାସ ଆଉ କୁସଂସ୍କାର ଛାଡ଼ିଦେଲେ ଅମେ କାଳେ କିଛି ଜାଣିନୁ । ତାଙ୍କ ହାବଭାବ ଚାଲିଚଳନ ଦେଖିଲେ ଦେହରେ ନିଆଁ ଲାଗିଯାଉଛି । ଝିଅଗୁଡ଼ା ଟାଇଟ ଜିନ୍ସ ପିନ୍ଧୁଛନ୍ତି । ଆଉ ବୋହୂ ଗୁଡ଼ା ବି ଆଜି କାଲି ଝିଅଙ୍କୁ ବଳି ଗଲେଣି । ମୁଣ୍ଡରେ ଓଢ଼ଣା ନାହିଁ, ହାତରେ ଚୁଡ଼ି ଶଙ୍ଖା ନାହିଁ ମଥାରେ ସିନ୍ଦୂର ଟୋପାଏ ବି ନାହିଁ । ଘର ଛାଡ଼ି ସବୁ ଯାଇ ବାହାରେ । ଖାଲି ପାନରୁ ଚୂନ ଖସିଲେ ସ୍ୱାମୀ ଶ୍ୱଶୁରଙ୍କ ନାଁରେ ଯୌତୁକ ନିର୍ଯ୍ୟାତନା କେସ୍ । ନହେଲେ ସ୍ୱାମୀ ଠାରୁ ଛାଡ଼ପତ୍ର । ଆଉ ଅଧେ ତ ବାହାଘର ପରେ ବି ବାପଘର ଛାଡୁନାହାନ୍ତି । ସ୍ୱାମୀକୁ ଶିଖେଇ ଆଣି ବାପଘରେ ଘରଜ୍ୱାଇଁ ସଜାଉଛନ୍ତି । ଆଜିକାଲି ସ୍ତ୍ରୀ ଙ୍କର କ'ଣ ଆଉ ସ୍ୱାମୀର ମାନମର୍ଯ୍ୟାଦା ଗଲା କି ରହିଲା ସେ ବିଷୟରେ କିଛି ଚିନ୍ତା ଅଛି ?

ଏଇମିତି ଗରଗର ହେଉଥାନ୍ତି ରାଗରେ । ମନରେ ତାଙ୍କର ବୋହୂ ପାଇଁ ବହୁତ ଘୃଣା । ହେଲେ ଗୋଟିଏ ବୋଲି ପୁଅ । କିଛି କହିଦେଲେ ସେ କାଳେ ଘରକୁ ଆସିବା ବନ୍ଦ କରିଦେବ । ତେଣୁ ବାଧ୍ୟତାମୂଳକ ଭାବେ ଟିକେ ଖୁସି ହେବାର ଅଭିନୟ କରିବାକୁ ପଡ଼ିବ ।

ବର୍ଷକୁ ଥରେ ରଜ ଛୁଟିରେ ଘରକୁ ଆସେ ପୁଅ । ଆମ ଗାଁରେ ରଜ ପର୍ବଟା ସବୁଠୁ ବଡ଼ । ସେଇ ସମୟରେ ଗାଁରେ ଯାତ୍ରା ହୁଏ । ବାହାରେ ରହୁଥିବା ଗାଁର ଯୁବକ ହୁଅନ୍ତୁ କି ଝିଅଝିଆଣି

ସମସ୍ତେ ଗାଁକୁ ଆସନ୍ତି । ବଡ଼ ଧୁମ୍ ଧାମ୍‌ରେ ରଜ ପର୍ବ ପାଳନ ହୁଏ । ତା'ପରେ ପୁଣି ସବୁ ଯେଝା ବାଟରେ ଯେଝା ଯାଆନ୍ତି । ହୁଁ..ମୋ ଘରେ ଆଉ ରଜ କ'ଣ ? ଘରକୁ ସଂସ୍କାରୀ ଓଡ଼ିଆଣୀ ବୋହୂଟିଏ ଆଣିଥିଲେ ସିନା ସେ ରଜ କରିଥାନ୍ତା । ହେଲେ ମୋ ଘରକୁ ଆସୁଛି ଗୋଟେ ବିଦେଶିନୀ । ସିଏ ବା କ'ଣ ବୁଝିବ ରଜ ପର୍ବ ବିଷୟରେ । ଛାଡ଼, ସବୁ ମୋ ଫଟା କପାଳର ଦୋଷ । କପାଳକୁ ନିନ୍ଦା କରିବା ଛଡ଼ା ଆଉ ବା କ'ଣ ଉପାୟ ଅଛି ତାଙ୍କ ପାଖରେ ?

ତା ପରଦିନ ଠିକ୍ ସମୟରେ ପୁଅ ବୋହୂ ପହଞ୍ଚିଲେ । ଗାଡ଼ିରୁ ଓହ୍ଲେଇ ପଡ଼ିଲା ବୋହୂ । ଦେହରେ ନାଲି ଶାଢ଼ୀ, ଶଙ୍ଖା, ଚୁଡ଼ି ପାଦରେ ପାଉଁଜି, ହେଲେ ମୁହଁଟା ଦିଶୁନଥିଲା । ମଥା ଲୁଚି ଯାଇଥିଲା ଓଢ଼ଣାରେ । ଇଏ କ'ଣ ଦେଖୁଛନ୍ତି ଶାନ୍ତି ଦେବୀ । ପୁଅ ତ କହିଥିଲା ସେ ଗୋଟେ ବିଦେଶୀ ଝିଅକୁ ବାହା ହେଇଚି । ତା ନାଁ କ'ଣ ଗୋଟାଏ ବିଦେଶୀ ନାଁ କହୁଥିଲା । ଆଉ ଇଏ ପୁଣି କିଏ ? ମନରେ ତାଙ୍କର ଅନେକ ପ୍ରଶ୍ନ । ହେଲେ ବି ବନ୍ଦାପନା ଥାଳିଟା ଆଣି ବୋହୂକୁ ବନ୍ଦେଇଲେ । ଆରେ ଯାକୁ ମୁଁ କ'ଣ କହି ଭିତରକୁ ଡାକିବି । ଇଏ ତ କିଛି ବୁଝିବନି । ମୁଁ ତ ସେ ଇଂରାଜୀ କହିପାରିବିନି । ଏବେ ଡାକିବି କେମିତି ? ମନ କଥା ମନରେ ଅଛି, ବୋହୂ ପଚାରିଲା – ମା' ମୁଁ ଏବେ ଭିତରକୁ ଆସିପାରିବି ?

ଆହୁରି ଆଶ୍ଚର୍ଯ୍ୟ ବଢ଼ିଗଲା ଶାନ୍ତି ଦେବୀଙ୍କର । ପୁଅ କ'ଣ ତେବେ ମୋତେ ମିଛ କହିଛି, ଇଏ କ'ଣ ବିଦେଶୀ ଝିଅ ନୁହେଁ ? ତରତର ହୋଇ କହିଲେ – ହଁ ହଁରେ ମା ଭିତରକୁ ଆ ।

ବିକାଶ ଆଉ ଚାହୁଁ ନଥିଲା ତା ମା'ର ମୁଣ୍ଡ ଗୋଳମାଳିଆ ହେଉ, କହିଲା – ମୁଁ ତୋତେ ସତ କହିଚି, ଇଏ ଅଷ୍ଟ୍ରେଲିଆ ଝିଅ ବ୍ରୁକଲିନ୍ । ହେଲେ ମୁଁ ଡାକେ ବନ୍ଦିତା । ତୁ ବି ସେୟା ଡାକିବୁ । ଆଶ୍ଚର୍ଯ୍ୟ ! ହଁ ନା ମା' ? ସେ ଓଡ଼ିଆ ଜାଣିଛି । ମୁଁ ତାକୁ ଓଡ଼ିଆ ଶିଖେଇ ସାରିଛି । କେବଳ ଓଡ଼ିଆ ଭାଷା ନୁହେଁ ମା, ଓଡ଼ିଆ ଘରର ସଂସ୍କୃତି ପରମ୍ପରା ପର୍ବପର୍ବାଣି ସବୁ ତାକୁ ଜଣା ।

ହଉ ଶୁଣ ମା, ତୁ କ'ଣ ଖାଇବାକୁ କରିଛି ବାଢ଼ିଲୁ । ମୋତେ ପ୍ରବଳ ଭୋକ ।

ହଁ ତୁମେ ଦୁଇ ଜଣ ଧୁଆ ଧୁଇ ହୋଇପଡ଼ ଟିକେ । ମୁଁ ଖାଇବା ବାଢ଼ି ଦେଉଛି ।

ଖାଇବା ବାଢ଼ିବା ପୂର୍ବରୁ ଶାଶୁଙ୍କ ହାତରୁ ନେଇଗଲା ବନ୍ଦିତା । ନିଜେ ଖାଇବା ବାଢ଼ିଲା । ଖାଇସାରି ଟିକେ ବିଶ୍ରାମ କଲେ ପୁଅବୋହୂ । ଶାନ୍ତି ଦେବୀଙ୍କ ମନ ସେମିତି ଗୋଳେଇ ଘାଣ୍ଟି ହେଉଥାଏ ।

ରାତିରେ ରୋଷେଇ କରିବାକୁ ଗଲା ବନ୍ଦିତା । ଶାଶୁ ପଛରେ ଧାଇଁଗଲେ । ଆମର ଏଇଟା ଗାଁ, ଏଠି ସବୁ ରାତିରେ ଆମେ ଭାତ ଖାଉ, ତୁ ଜାଣିନୁ । ତୁ ଯା ମୁଁ ରୋଷେଇ କରୁଛି । ତୋ ପାଇଁ ରୁଟି ଦି'ଟା କରିଦେବି ।

ନା' ମା', ମୁଁ ରୋଷେଇ କରିବି । ରୋଷେଇ କରିବା ପାଇଁ ଜିଦ୍ ଦେଖି ଶାନ୍ତି ଦେବୀ ବାଧ୍ୟ ହୋଇ ରୋଷେଇ ଘରୁ ଚାଲି ଆସିଲେ । ରୋଷେଇ ସରିଲା । ସମସ୍ତେ ଖାଇ ବସିଲେ । ଭାତ, ହରଡ଼ଡାଲି, ପୋଟଳ ତରକାରୀ, ଭେଣ୍ଡି ଭଜା । ପ୍ରତିଟି କାମ ଆଶ୍ଚର୍ଯ୍ୟ ହେଉଥାଏ ଶାନ୍ତି ଦେବୀଙ୍କର । କାମସାରି ରାତିରେ ବନ୍ଦିତା ଶାଶୁଙ୍କ ଗୋଡ଼ ହାତ ଘଷିଦେଲା ।

ବୋହୂ ହାତର ସ୍ପର୍ଶପାଇ କେତେବେଳେ ଶାନ୍ତିଦେବୀଙ୍କର ନିଦ ଲାଗିଯାଇଛି । ରାତି ଚାରିଟା ବାଜିଲାଣି । ଉଠିଲା ବନ୍ଦିତା । ଗୋବର ପାଣି କରି ପବିତ୍ର ପାଣି ପକେଇଲା । ଦାଣ୍ଡ ଓଳେଇଲା, ଘର ଖରକିଲା । ବାଡ଼ି ସାରା ବୁଲି ନାନା ରକମର ଫୁଲ ତୋଳିଲା । ହଳଦୀ ଗିନାଟା ଧରି ଗାଧୋଇ ବାହାରିପଡ଼ିଲା । କୂଅମୂଳେ ପହଂଚି ସାରିଥିଲା । ହେଲେ ପାଣି ତ ଏତେ ଭିତରେ ସେ ଏବେ ପାଣି କେମିତି ଆଣିବ ସେଠୁ । ସେଇଠୁ ଫେରିଲା । ବିକାଶକୁ ଡାକିଲା । ବିକାଶ ଶିଖେଇଦେଲା ପାଣି କଢ଼ା । ଠାକୁର ଘରକୁ ଗଲା ଗାଧୋଇ ସାରି ।

"ଓଁ ଗଂ ଗଣପତୟେ ନମଃ" ରୁ ପୂଜା ଆରମ୍ଭ କଲା । ତାପରେ ବିଭିନ୍ନ ମନ୍ତ୍ର । ତାପରେ ପୂଜା ପାଠ, ଧୂପ ଦୀପ ଇତ୍ୟାଦି । ଘଣ୍ଟ ଶବ୍ଦରେ ନିଦ ଭାଙ୍ଗିଗଲା ଶାନ୍ତିଦେବୀଙ୍କର । ଫର୍ଚ୍ଚା ହେଇ ଆସୁଥାଏ । ଏତେ ସକାଳୁ ସୂର୍ଯ୍ୟୋଦୟ ପୂର୍ବରୁ ମନ୍ତ୍ରପାଠ ସହ ଦେବପୂଜା । ବିକାଶ କ'ଣ ଏବେ ପୂଜା ପାଠରେ ମନ ଦେଲାଣି । ହଉ ଭଲ ହେଲା । ଶାନ୍ତିଦେବୀ ନଜ ହାତ ପାପୁଲି ଦ୍ୱୟକୁ ଦେଖି ଦେଖି ମନ୍ତ୍ରପାଠ କଲେ ।

"କରାଗ୍ରେ ବସତେ ଲକ୍ଷ୍ମୀ କରମଧ୍ୟେ ସରସ୍ୱତୀ
କରମୂଳେ ତୁ ଗୋବିନ୍ଦ ପ୍ରଭାତେ କର ଦର୍ଶନମ୍" ।

ଏଇ ମନ୍ତ୍ରରୁ ଆରମ୍ଭ ହୁଏ ତାଙ୍କ ଦିନ । ରଥାରୂଢ଼ ହେଉଥିଲେ ସୂର୍ଯ୍ୟ ଆକାଶ ବକ୍ଷକୁ ଉଠିବା ପାଇଁ । ଓଁ ଆଦିତ୍ୟାୟ ବିଦ୍ମହେ ମହାତେଜାୟ ଧୀମହି ତନ୍ନୋ ସୂର୍ଯ୍ୟ ପ୍ରଚୋଦୟାତ୍ । ଓଁ ଘୃଣି ସୂର୍ଯ୍ୟାୟ ନମ । ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଉଥିଲା ବନ୍ଦିତା । ସୂର୍ଯ୍ୟପୂଜା ପରେ ଆଳତୀ ଘରେ ବୁଲେଇଲା । ଶାଶୁଙ୍କ ପାଦ ଛୁଇଁ ପ୍ରଣାମ କଲା । ଶାନ୍ତି ଦେବୀ

ଏ କ'ଣ ଦେଖୁଛନ୍ତି । ବୋହୂ ପିନ୍ଧିଛି ତାଙ୍କ ଆଲମାରୀର କପୂରଦିଆ ଶାଢ଼ୀ । ଧୀରେ ବଢ଼ି ଚାଲିଥାଏ ତାଙ୍କ ମନର ଆଶ୍ଚର୍ଯ୍ୟ ଆଉ କମି ଚାଲିଥାଏ ବୋହୂ ପ୍ରତି ଥିବା ଘୃଣା ଭାବ ।

ବନ୍ଦିତା ଚାଲିଗଲା ରୋଷେଇ ଘରକୁ । ଚୁଲି ଲଗାଇ ଆମେ ଚା' ହାଣ୍ଡିଟା ବସେଇଲା । ତାପରେ ଜଳଖିଆ ତିଆରି କଲା । ସମସ୍ତେ ଜଳଖିଆ ଖାଇଲେ । ବିକାଶ ଚାଲିଗଲା ଗାଁ ଭିତରକୁ । ଆଉ ଶାନ୍ତିଦେବୀ ପଡ଼ିଶା ଘରକୁ । ଲୀନାବୋଉ, କାଳିଆବୋଉ, ରତନୀ ମା' ଏମିତି ସମସ୍ତଙ୍କୁ ଜଣେଇଦେଇ ଆସିବେ ବୋହୂଟା ତାଙ୍କର ବିଦେଶୀ ଝିଅ ହେଲେ ବି ଓଡ଼ିଆଣୀଠୁ କୋଉ ଗୁଣରେ କମ୍ ନୁହେଁ ।

ବନ୍ଦିତା ଗାଧୁଆବଳେ ପାଇଁ ରୋଷେଇ ଆରମ୍ଭ କଲା । ସେଇଠି ଜିରା, ଲଙ୍କା, ହଳଦୀ ସବୁ ଗୋଟେ ଗୋଟେ ଗୁଣ୍ଡି କରି ରଖୁଥାଏ । ହେମଦସ୍ତାକୁ ଚାପି ଧରିଧରି ଗୋରା ହାତଟା ଏକଦମ୍ ନାଲି ପଡ଼ି ଯାଇଥାଏ । ଆଉ କେଇଟା ଦିନ ରହିଲା ରଜ । ରଜ ଦିନ ତ କୁଟା, ବଟା ଛେଚା ସବୁ ବନ୍ଦ । ସେଥିପାଇଁ ଆଗରୁ ସବୁ ପ୍ରସ୍ତୁତ କରି ରଖିବାକୁ ପଡ଼ିବ ।

ୟା ଭିତରେ ଶାନ୍ତିଦେବୀଙ୍କର ଦିନଗୁଡ଼ା କେମିତି କଟିଯାଉଛି କିଛି ଜଣାପଡୁନି । ତାଙ୍କର ତ ଏବେ ସେଇ ଗୋଟିଏ ହିଁ କାମ । ଗାଁସାରା ବୁଲି ନିଜ ବୋହୂର ଭୂରିଭୂରି ପ୍ରଶଂସା କରିବା । ରଜ ଆଉ ଦି'ଟା ଦିନ । କାଲିକି ସଜବାଜ । ଶାନ୍ତିଦେବୀ ଭାବିଲେ ଯାଉଛି ଗାଁ ଯାକର ଝିଅଙ୍କୁ କହି ଦେଇ ଆସିବି ଆମ ଘରକୁ ରଜ ବୁଲି ଆସିବ, ନୂଆ ଭାଉଜକୁ ବି ଦେଖି ଆସିବ ।

ସେପଟୁ ବନ୍ଦିତା ଡାକିଲା – ମାଁ ଟିକେ ଶୁଣ । ଏତିକି ବିରି ଚୁରି ଦେଉଛି । ଏତିକି ଚାଉଳ ପୋଡପିଠା ପାଇଁ । ଏତିକି ଆରିଷା ପିଠା ଛାଣିବା । ଆଉ ଏତିକି ଚକୁଳି ଆଣ କରିବା । ଅଲଗା ଅଲଗା କରି ଦେଖାଇଲା ।

ଆଲୋ ମା, ଆମେ ତ ଲୋକ ବୋଲି ତିନିଜଣ । ତୁ ଏତେ ସବୁ ବିରିଚାଉଳ କାହିଁକି ପକେଇଛୁ ?

ମା' ପହରଦିନ ରଜ । ଆମ ଗାଁ ଝିଅମାନେ ଆମ ଘରକୁ ରଜବୁଲି ଆସିବେ । ସେମାନେ ଖାଇବେ । ସାଇପଡ଼ିଶାଙ୍କୁ ବଣ୍ଟା ହେବ । ଆଉ ଚାଉଳ କମେଇ ଦେଲେ ହେବନି ବୋଧେ ।

ଶାନ୍ତିଦେବୀ ଭାବିଲେ ବୋହୂ ମୋ ମନକଥା ଜାଣିଲା କେମିତି ? ସେ କେମିତି ଜାଣିଲା ଯେ ଝିଅମାନେ ବୁଲି ଆସନ୍ତି ବୋଲି ?

ଆଉ ଶୁଣ ମା' ୟାଙ୍କୁ ଟିକେ କହିଦେବ ଆଜି ବଜାରରୁ ପାନ, ଗୁଆ, ମିଠାମସଲା ଆଣିବେ । ଆଉ ଆମ୍ବ, ପଣସ, ସପୁରୀ ଏମିତି କିଛି ଫଳ ବି ଆଣିବେ । ତମେ ଗାଁ ଭିତରୁ ଆସିଲେ ଆମେ ଚାରିଟା ବେଳକୁ ଆରିଷା ପିଠା ଛାଣିଦେବା । ଆଉ ପୋଡପିଠା ତ କାଲି ରାତିକି ବସାହେବ ।

ହଉ, ତୁ ସବୁ ସଜାଡ଼ି ରଖ । ମୁଁ ଯାଉଛି ଗାଁ ଭିତରୁ ଆସେ । ଶାନ୍ତିଦେବୀ ଚାଲିଗଲେ ଗାଁ ଭିତରକୁ । ବନ୍ଦିତା ତା'ର ଚାଲିଚଳଣ କଥାବାର୍ତ୍ତା, ସଂସ୍କାର ଆଉ ମାର୍ଜିତ ବ୍ୟବହାରରେ ଶାଶୁଙ୍କ ମନ କିଣି ସାରିଲାଣି । ରାତିରେ ବନ୍ଦିତା ଶାଶୁଙ୍କ ଗୋଡ଼ ମୋଡ଼ି ଦେଉଥାଏ । ମା'ରେ ତୁ କାଲି ଯେତିକି କାମ ସାରିବା କଥା ସାରିଦେବୁ । ଆଉ ଯାହା ରହିଲା ମୁଁ କରିବି । ରଜରେ ତୁ ଆଉ କିଛି ବି କାମ କରିବୁନି । ତୋର ପରା ଏଇଟା ପ୍ରଥମ ରଜ । ଏଇ ତିନିଦିନ କାମ ମୁଁ କରିବି । ହଉ, ଉଠିକି ଗଲୁ ସେ ଆଲମାରୀରେ ଗୋଟେ ନାଲିଆ ରଙ୍ଗର ଜରି ଅଛି ଆଣିବୁ ।

ବନ୍ଦିତା ଉଠିଯାଇ ଜରି ଆଣିଲା । ଶାଶୁ ଜରି ଖୋଲି ଦେଖାଇଲେ ଗୋଟେ ନୂଆ ଶାଢ଼ୀ, ଚୁଡ଼ି, ଅଳତା, ସିନ୍ଦୂର, ଆହୁରି କେତେ ସବୁ ସଜବାଜ ଜିନିଷ ।

ଦେଖିଲୁ, ଏ ଶାଢ଼ୀ ତୋ ମନକୁ ଯାଉଛି ତ? ହଁ ମା ବଢ଼ିଆ ହେଇଛି । ଆଜି ସଜବାଜ । ସବୁ କାମଗୁଡ଼ା ସାରିବାକୁ ପଡ଼ିବ । କାମଗୁଡ଼ା ବାକି ରହିଗଲେ ମା' ଏତେ କାମ ଏକା କରିବାକୁ ହଇରାଣ ହେବେ । ଆଉ ଟିକେ ହାତ ଫୁର୍ତ୍ତି କଲା ବନ୍ଦିତା । ସବୁକାମ ସରିଗଲାଣି । ଏଇ ପୋଡ଼ପିଠାଟା ବସେଇଦେଲେ ସରିଲା । ନିଦ ବି ଜୋରରେ ଆସିଲାଣି । ତା'ପରଦିନ ରାତିରୁ ଉଠିଲା ବନ୍ଦିତା । ବଟା ହଳଦୀ ମାରିହେଇ ଗାଧେଇଲା । ନୂଆଶାଢ଼ୀ, ଶଙ୍ଖାଚୁଡ଼ି, ଗହଣା ସବୁ ପିନ୍ଧିଲା । କେଶସଜା କଲା । ଅଳତା ଲଗେଇଲା । ଠାକୁରପୂଜା କରିବାକୁ ଚାଲିଗଲା । ସେଦିନ ଶାନ୍ତିଦେବୀ ବି ସକାଳୁ କାମରେ ଲାଗି ଯାଇଥାନ୍ତି । ପିଠା, ତରକାରୀ ଏଇସବୁ କରୁଥାନ୍ତି । ଶାଶୁଙ୍କୁ ପ୍ରଣାମ କରିସାରି ଆସୁଥାଏ ବନ୍ଦିତା । ହାତ ଧରି ଭିଡ଼ିନେଲା ବିକାଶ । ଆସ ଦେଖିବ ତମ ପାଇଁ ଗୋଟେ ସରପ୍ରାଇଜ୍ ଅଛି ।

"କି ସରପ୍ରାଇଜ୍ ମ ସକାଳୁ ସକାଳୁ ?"

"ଏଇ ଦେଖ । "

ଆରେ ଇଏ ତ ଦୋଳି । ପାର୍କରେ ଲାଗିଥାଏ । ହେଲେ ସେଇଟା ଲୁହାରେ ତିଆରି ହେଇଥାଏ । ଆଉ ତମେ ଏଇଟା ଲଗେଇଚ କାଠପଟାରେ । କିନ୍ତୁ ତୁମେ ତ କହିଥିଲା ରଜ ତିନିଦିନ

ଧରିତ୍ରୀ ମାତା ରଜସ୍ୱଳା ହୁଅନ୍ତି । ତେଣୁ ମାଟି ଖୋଳିବା ବା ମାଟିକୁ କିଛି ବି କଷ୍ଟ ଦେବା ପାପ । ଏବେ ତମେ ନିଜେ ପୁଣି ଏ ଦୋଳି କାହିଁକି ଲଗେଇଲ । ଘରେ ଲଗେଇଥିଲେ ହେଇନଥାନ୍ତା ।

ନାଁ, ଏ ଦୋଳି ପରେ ଲଗେଇଥିଲେ ହେଇ ନଥାନ୍ତା । ଇଏ ପରା ରଜଦୋଳି । ରଜଦୋଳି ରଜରେ ସବୁ ଝିଅବୋହୂମାନେ ଖେଳନ୍ତି । ହେଲେ ପୁଅପିଲା ବି ଛାଡ଼ନ୍ତିନି । ଟିକିଏ ସୁଯୋଗ ପାଇଲେ ଆସି ବସିପଡ଼ନ୍ତି । ମୁଁ ଏ ଦୋଳି ଆଜି ଲଗେଇନି । କାଲିଠୁ ଲଗେଇ ଦେଇଥିଲି । ତେଣୁ ତମେ କିଛି ଚିନ୍ତା କରନି ।

ତମେ ତ ମତେ ଏ ରାଜଦୋଳି କଥା ଆଗରୁ କହିନଥିଲ ? ତମେ ତ କହିଥିଲ ଝିଅମାନେ ଗାଁ ବୁଲନ୍ତି, ରଜପାନ ଖାଆନ୍ତି, ପୁଚି ଖେଳନ୍ତି, ଲୁଡୁ ଖେଳନ୍ତି । ଆଉ ପୁଅମାନଙ୍କର ବାଗୁଡ଼ି ପ୍ରତିଯୋଗିତା ହୁଏ ।

ସବୁ କଥା ଯଦି ତମକୁ ଆଗୁଆ କହି ଦେଇଥାନ୍ତି ତାହେଲେ ସରପ୍ରାଇଜ୍ କ'ଣ ଦେଇଥାନ୍ତି । ଆସ ଦୋଳିରେ ବସ ମୁଁ ଝୁଲେଇ ଦେଉଛି । ନା,ନା ଥାଉ । ଏଇଟା ଗାଁ । କିଏ ଦେଖିଲେ କ'ଣ ଭାବିବେ ? ଗାଁ ଝିଅମାନେ ଆସନ୍ତୁ । ଆମେ ମିଶିକି ଖେଳିବୁ । ବିକାଶ ହାତରୁ ଖସି ଚାଲିଗଲା ବନ୍ଦିତା । ଆମ୍ବ, ସପୁରୀ ଏମିତି କେତେ କଅଣ । ସମସ୍ତେ ମିଶି ଖାଇଲେ । ଖାଇବା ଶେଷରେ ପୁଣି ଲବଙ୍ଗଦିଆ ବନାରସୀ ପାନ । ସମସ୍ତେ ଚାଲିଲେ ବାଡ଼ିକୁ ଦୋଳି ଖେଳିବାକୁ । ଶାନ୍ତି ଦେବୀ ବି ସେମାନଙ୍କ ସହିତ ।

ଆରେ ତମେମାନେ ସବୁ ଏଇଠି ଖେଳ । ମୁଁ ଚାଲିଲି ଆମର ଆଜି ଆଉ ସାହିପିଲାଙ୍କ ସହିତ ବାଗୁଡ଼ି ପ୍ରତିଯୋଗିତା । ଆଜି ଯିଏ ଜିତିବ କାଲି ସିଏ ଆଉ ଗାଁ ପିଲାଙ୍କ ସହିତ ଖେଳିବ । ବିକାଶ ଚାଲିଗଲା ଗାଁ ପଡ଼ିଆକୁ ।

ଲିପି ଖାଲି ପାଦରେ ଆସି ଦୋଳି ପାଖରେ । ବନ୍ଦିତା ଦେଖିଦେଇ କହିଲା ଲିପି ଯା ଚପଲ ପିନ୍ଧି ଆସ । ତମେ ଜାଣିନ କି ରଜରେ ଝିଅମାନେ ଖାଲି ପାଦରେ ଭୂମି ଉପରେ ଚାଲିବା ମନା । ଆଗରୁ ଝିଅମାନେ ଗୁଆ ଖୋଳପାରେ ଜୋତା ତିଆରି କରି ଏହି ରଜ ତିନିଦିନ ପିନ୍ଧୁଥିଲେ । ଏବେ ତ ଆଉ ସେକଥା ନାହିଁ । ହେଲେ ପ୍ରଥା ପରମ୍ପରାକୁ ତ ମାନିବାକୁ ପଡ଼ିବ । ତମେ ଯାଅ ଚପଲ ପିନ୍ଧି ଆସ ।

ହଁ ଭାଉଜ, ଏଇନେ ଯାଉଛି । ଆମର ଗାଁ କଥା ତ । ଆମେ ଅଧିକାଂଶ ସମୟ ଖାଲି ପାଦରେ ବି ଗାଁ ଦାଣ୍ଡରେ ଏଣେତେଣେ ବୁଲୁଥାଉ । ତେଣୁ ଚପଲ ପିନ୍ଧାଟା ଏତେ ମନେ ପଡ଼େନି । ଲିପି ଚପଲ ପିନ୍ଧି ଆସିଲା ।

ଭାଉଜ ତମେ ବହୁତ ଭଲ । କେତେକଥା ଜାଣିଛ । ମୋ ଭାଉଜ ଓଡ଼ିଆଣୀ, ହେଲେ ସେ ମୋତେ ଏସବୁ ଶିଖେଇ ନାହାନ୍ତି ବୋଲି ଲିପି କହିଲା ।

ହେଲେ ମୁଁ ମୋ ନଣନ୍ଦମାନଙ୍କୁ ସବୁ ଶିଖେଇଦେବି । ଆହୁରି ଶୁଣ ରଜପର୍ବର ପ୍ରକୃତ ଉଦ୍ଦେଶ୍ୟ ହେଲା ଏହି ସମୟରେ ପୃଥିବୀ ମାତା ରଜସ୍ୱଳା ହୁଅନ୍ତି । ଏହି ଦିନରେ ଆମ ଚାଷୀ ଭାଇମାନେ ହଳଲଙ୍ଗଳ ପୂଜା କରିବା ସହିତ କାମ ବନ୍ଦ କରିରଖନ୍ତି । ଏ ରଜପର୍ବ କୁଆଁରୀମାନଙ୍କୁ ଅନେକ ଶିକ୍ଷା ଦେଇଥାଏ । ସମସ୍ତ ମାତୃଜାତି ଭିତରେ ଉତ୍ସାହ, ଉଦ୍ଦୀପନା ଓ ନୂତନ ଶକ୍ତିର ଜାଗରଣ ହୁଏ । ଗୋଟେ ଝିଅ ନାରୀର ଚଳଣି ଆଚାର ବ୍ୟବହାର ସଂସ୍କାରକୁ ବିଧିବଦ୍ଧ ଭାବେ ପାଳନ କରି ଭବିଷ୍ୟତରେ ଗୋଟେ ସମ୍ପୂର୍ଣ୍ଣ ଓ ମା' ଭୂମିକାରେ ଅବତୀର୍ଣ୍ଣ ହୋଇ ନିଜ ଭବିଷ୍ୟତ ସାଂସାରିକ ଜୀବନକୁ କିପରି ସୁଖମୟ କରିବ, ସେଇ ସଂକେତ ଦେଇଯାଇଥାଏ ରଜପର୍ବ । ଏଇ ପର୍ବରୁ ଝିଅମାନେ ଶିଖିଥାନ୍ତି ଯେ ସେମାନେ କିପରି ନିଜ କର୍ତ୍ତବ୍ୟକୁ ସୁଚାରୁ ରୂପେ ତୁଲାଇବା ସହିତ ଭବିଷ୍ୟତରେ ତାଙ୍କ ଝିଅମାନଙ୍କୁ ବି ଏହିପରି ସଂସ୍କାରରେ ଭରା ସଂସାର ନିୟମ ଶିଖାଇବେ । ବନ୍ଦିତା କହି ଚାଲିଥିଲା । ଅନ୍ୟ ଝିଅମାନଙ୍କ ସହିତ ଶାନ୍ତିଦେବୀ ବି ସତେ ଯେମିତି ଜଳଜଳ କରି ପିଇଯାଉଥିଲେ ସେ କଥାଗୁଡ଼ିକ ।

ଦୋଳିଖେଳରେ ନୀରବତା ଦେଖି ବନ୍ଦିତା କହିଲା, ତମେମାନେ ଚୁପ କାହିଁକି ? ଗୀତ ଗାଅ ନା ...

"ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ,

ଆସିଛି ରଜ ଲୋ ଘେନି ନୂଆ ସଜବାଜ<br>
ରଜଦୋଳି କଟକଟ ମୋ ଭାଇ ମୁଣ୍ଡରେ ସୁନା ମୁକୁଟ<br>
ସୁନା ମୁକୁଟଲୋ ଦିଶୁଥାଇ ଝଟଝଟ ।"

ବନ୍ଦିତା ସହିତ ପାଳି ଧରି ସମସ୍ତେ ଆରମ୍ଭ କରିଦେଲେ ଗୀତବୋଲା । ଏଇମିତି ହସଖୁସି ଭିତରେ ରଜ ତିନିଦିନ କେମିତି କଟିଗଲା ଜଣାପଡ଼ିଲାଣି । ଆଜି ବସୁମତୀ ସ୍ନାନ । ବନ୍ଦିତା ଗାଧୋଇପଡ଼ି ପିଢ଼ା ଉପରେ ଧରିତ୍ରୀମାତାଙ୍କ ସ୍ୱରୂପ ଶିଳପୁଆକୁ ସ୍ଥାପନ କଲା । ହଳଦୀ, ସିନ୍ଦୁର ଲଗେଇଲା । ଆମ୍ବଡାଳ ଦେଇ କ୍ଷୀରଢ଼ାଳି ବିଶୁଦ୍ଧ ସ୍ନାନ କରାଗଲା । ଧୂପ, ଦୀପ, ନୈବେଦ୍ୟ ଦେଇ ଭକ୍ତିରେ ଧରିତ୍ରୀ ମାତାଙ୍କୁ ପଜୂାକରି ଆଶୀର୍ବାଦ ଭିକ୍ଷା କଲା ।

ନିଜ ଜୀବନର ପ୍ରଥମ ରଜକୁ ମନଭରି ଉପଭୋଗ

କରିଥିଲା ବନ୍ଦିତା । ଗାଁ ସାରା ସବୁ ଲୋକଙ୍କ ମୁହଁରେ ଥିଲା ଗୋଟିଏ କଥା ବନ୍ଦିତା ଏ ଗାଁର ଏକ ନମ୍ବର ବୋହୂ । ଶାନ୍ତି ଦେବୀ ବହୁତ ଭାଗ୍ୟବତୀ । ଏମିତି ଝିଅକୁ ବୋହୂ ରୂପରେ ପାଇଛି । ଗାଁର ବୁଢ଼ାବୁଢ଼ୀ ଲୋକଙ୍କର ଆଶୀର୍ବାଦର ହାତ ଆପଣାଛାଏଁ ଉଠିଯାଇଥିଲା ବନ୍ଦିତା ପାଇଁ । ରଜପର୍ବ ସରିବା ସହିତ ବିକାଶର ଛୁଟି ବି ସରିଗଲା । କାଲି ସକାଳୁ ସେମାନେ ବାହାରି ପଡ଼ିବେ । ରାତିରେ ଖାଇବାବେଳେ ବନ୍ଦିତା କହିଲା - ମା, ମୁଁ ଆଉ କିଛିଦିନ ଏଇଠି ତମ ପାଖରେ ରହିବାକୁ ଚାହୁଁଛି ।

ଆଲୋ ମା, ତୁ ଏଠି ରହିଲେ ପୁଅଟା ମୋର ସେଠି ଖାଇବା ପିଇବାରେ ହଇରାଣ ହେବ । ତୁ ତା' ସାଙ୍ଗରେ ଯା । ପୁଣି ଛୁଟି ହେଲେ ଆସିବୁ । ମା, ସେ ଯଦି ଚାହୁଁଛି ଆଉ କିଛିଦିନ ତୋ ପାଖେ ରହିବାକୁ ତାହେଲେ ସେ ଥାଉ । ମୁଁ କେବେ ପୁଣି ମଝିରେ ଆସି ତାକୁ ନେଇଯିବି - ବିକାଶ କହିଲା ।

ତା ପରଦିନ ସକାଳେ ବିକାଶ ବାହାରିଲା । ଟ୍ୟାକ୍ସି ଘର ଆଗରେ ଲାଗିଲାଣି । ଜିନିଷପତ୍ରଗୁଡ଼ିକ ବଢ଼େଇଦେଲା ବିକାଶ ଟ୍ୟାକ୍ସି ବାଲା ହାତକୁ । ଘର ଦୁଆର ମୁହଁରେ ଛିଡ଼ା ହୋଇ ଶାନ୍ତିଦେବୀ ଆଉ ବନ୍ଦିତା ବିଦାୟ ଦେଉଥିଲେ ବିକାଶକୁ । ବିକାଶ ବୁଲି ଚାହିଁଲା । ମା'ର ସେ ସ୍ନେହବୋଳା ମୁହଁଟା ସ୍ପଷ୍ଟ ଦିଶୁଥିଲା । ହେଲେ ତା ପ୍ରାଣପ୍ରିୟାର ମୁହଁ ଝାପ୍ସା ଦିଶୁଥିଲା ଓଢ଼ଣା ଫାଙ୍କରୁ ।

ଭାଇ ଯିବା ଡ୍ରାଇଭର ପଚାରିଲା ?

ହଁ ହଁ ଚାଲ ।

ଡ୍ରାଇଭର ଗାଡ଼ି ଷ୍ଟାର୍ଟ କଲା । ଗାଡ଼ି ସହିତ ଆଗେଇଯାଉଥିଲା ବିକାଶର ସ୍ୱପ୍ନ ଓ ଆଧୁନିକତା । ପଛରେ ରହିଯାଉଥିଲା ଗାଁର ସେ ପ୍ରଥା, ପରମ୍ପରା ଓ ସଂସ୍କୃତି । ବିକାଶ ଯେତିକି ଆଗଉଥିଲା ସଂସ୍କାର ସେତିକି ପଛାଉଥିଲା ଦୂରକୁ ଦୂରକୁ...ବହୁ ଦୂରକୁ ।




# ମହାଭାରତରେ ଚାରି ମହାନ ସିଦ୍ଧାନ୍ତ

- ସୌଭାଗ୍ୟ ରଞ୍ଜନ ମହାପାତ୍ର

ଆର୍ଯ୍ୟ ସଂସ୍କୃତିର ମହାନ ଗ୍ରନ୍ଥ ଭାବେ ମହାଭାରତ ସୁବିଦିତା ନୀତି ଆଦର୍ଶ ଧର୍ମ ନିର୍ମଳତାର ଏକ ଉତ୍କର୍ଷ ଗ୍ରନ୍ଥ ହେଉଛି ମହାଭାରତ ।

ଏଥିରେ ବିବର୍ଣ୍ଣିତ ଶ୍ରୀକୃଷ୍ଣଙ୍କ ଚରିତାମୃତ ରୁ ୨୪ ସିଦ୍ଧାନ୍ତକୁ ମାନବସମାଜ ଅନୁକରଣ କରେ, ତେବେ ଏହି ମନୁଷ୍ୟ ସମାଜ ମହାନ ହୋଇପାରିବ ।

* ହୃଦୟର ପ୍ରସନ୍ନତା – ଯାହାର ହୃଦୟ ଯେତେ ପ୍ରସନ୍ନ, ସେ ସେତିକି ମହାନ । ଯେପରି ଶ୍ରୀକୃଷ୍ଣ ପ୍ରସନ୍ନତାର ଶୀର୍ଷବିନ୍ଦୁ । ଋଷିଙ୍କ ଶାପ ମିଳିଛି ଯଦୁବଂଶୀ ନିଜ ନିଜ ଭିତରେ ଲଢ଼େଇ କରୁଛନ୍ତି ତଥାପି ଚିନ୍ମୟଘନ ପ୍ରଭୁ ଶ୍ରୀକୃଷ୍ଣଙ୍କ ବଂଶୀ ବାଜୁଛି.. ।

* ଉଦାରତା – ବ୍ରଜକୂଳ ଚୂଡ଼ାମଣି ଶ୍ରୀକୃଷ୍ଣ ପ୍ରତିଦିନ ସହସ୍ର ଗୋରୁ ଦାନ କରୁଥିଲେ । କିଛି ନା କିଛି ଦେଉଥିଲେ । ଧନ ଏବଂ ଯୋଗ୍ୟତା ତ ଅନେକଙ୍କ ପାଖରେ ଥାଏ, କିନ୍ତୁ ଦେବାର ସାମର୍ଥ୍ୟ ସମସ୍ତଙ୍କର ନଥାଏ । ଥାଏ ଯାହା ପାଖରେ ଯେତେ ଉଦାରତା ଥାଏ ସେ ସେତେ ମହାନ ହୁଏ ।

* ନମ୍ରତା – ରାଜାମୟ ଠାକୁର ଶ୍ରୀ ବାସୁଦେବ ଧନୀ ଥିଲେ ନମ୍ରତାର । ସୁଦାମଙ୍କ ପାଦ ଧୋଇଥାନ୍ତି ଶ୍ରୀ ମାଧବ । ସେ ଦେଖିଲେ ଖାଲି ପାଦରେ ଚାଲି ଚାଲି ସୁଦାମଙ୍କ ପାଦରେ କଣ୍ଟା ଫୁଟି ଯାଇଛି । ତାକୁ ବାହାର କରିବା ପାଇଁ ସେ ରୁକ୍ମଣୀଙ୍କୁ ଛୁଞ୍ଚି ମାଗିଲେ । ରୁକ୍ମଣୀ ଆଣିବାର ବିଳମ୍ବ ଯୋଗୁଁ ଶ୍ରୀକୃଷ୍ଣ ନିଜର ଦାନ୍ତ ଦ୍ୱାରା କଣ୍ଟା ବାହାର କରି ସୁଦାମଙ୍କ ପାଦ ଧୋଇଦେଲେ ।

* ସମତା – ଶ୍ରୀକୃଷ୍ଣ ତ ପ୍ରକୃତରେ ସମତାର ପ୍ରତୀକ ଥିଲେ । ମହାଭାରତର ଯୁଦ୍ଧ ସମୟରେ ସେ କହିଥିଲେ ଯେ କୌରବ ଓ ପାଣ୍ଡବ ମାନଙ୍କ ଯୁଦ୍ଧ ସମୟରେ ଯଦି ମୋ ମନରେ ପାଣ୍ଡବଙ୍କ ପ୍ରତି ଆସକ୍ତି ନଥିବ ଏବଂ କୌରବ ମାନଙ୍କ ପ୍ରତି ଦ୍ୱେଷ ନଥିବ ତେବେ ମୋର ସମତାର ପରୀକ୍ଷଣ ପାଇଁ ଏହି ବାଳକ ଜୀବିତ ହୋଇଯାଉ ଏବଂ ବାଳକ ଜୀବିତ ହୋଇଉଠିଲା ।

ଯାହାର ଜୀବନରେ ଏହି ଚାରିଗୋଟି ସଦ୍‌ଗୁଣ ରହିଥାଏ, ସେ ଅବଶ୍ୟ ମହାନ ହୋଇଯାଏ ।

ବୈଦିକ ମହାବିଦ୍ୟାଳୟ, ସମ୍ବଲପୁର ।

# ଧର୍ମର ହେଉ ଜୟ

– ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ସବୁବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମନୋଜବାବୁ ସକାଳୁ ସକାଳୁ ପ୍ରାତକର୍ମ ସାରି ପୂର୍ବ ଦିନରୁ ଆଣିଥିବା ଲୁଗା ସହିତ କିଛି ମିଠା ଓ ଫୁଲ ଚନ୍ଦନ ଧରି ବାହାରିଗଲେ ଘରଠାରୁ ଏଇମାତ୍ର ଦୂରରେ ଥିବା ମାତୃମନ୍ଦିର ଜରାନିବାସକୁ । ଯେଉଁଠାରେ ସେ ନିଜକୁ ଦୁନିଆର ସବୁଠାରୁ ଭାଗ୍ୟବାନ ବୋଲି ମଣୁଥିଲେ; ଯେଉଁଠାରେ ସେ ଗୋଟିଏ ନୁହେଁ ପାଞ୍ଚ ପାଞ୍ଚ ଜଣ ମାଆଙ୍କ ଗହଣରେ ଦିନ କାଟୁଥିଲେ । କେତେବେଳେ କିଏ ମୋ ଧନ କହି ଗୋଡ଼ମୋଡ଼ି ଦେଉଥିଲେ ତ କିଏ କୋଳରେ ଶୁଆଇ ଦେଇ ମୁଣ୍ଡକୁ ଆଉଁସି ଦେଇ ଓଜାଡ଼ି ଦେଉଥିଲେ ଅଜସ୍ର ଭଲପାଇବା ଓ ଆଶିଷର ବାରିଧାରା । ଏହି ଖୁସି ଭିତରେ କେତେବେଳେ ଦିନଟି ସରିଯାଏ ଜଣା ପଡ଼େନି ଉଭୟ ମନୋଜବାବୁ ଓ ମାଆମାନଙ୍କୁ । ଘରୁ ବାହାରି ମନୋଜବାବୁ ମାତୃମନ୍ଦିରର ଦ୍ୱାରା ସମ୍ମୁଖରେ ଥାଇ ମାଆ ବୋଲି ଡାକିଦେବା କ୍ଷଣି ଜରାନିବାସରେ ଏକାକୀ ଜୀବନ ବିତଉଥିବା ମାଆମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତାର ଆରମ୍ଭ ହୋଇଯାଏ ଯେମିତି କିଏ ଆଗ ଯାଇ ପାଛୋଟି ଆଣିବ ହୃଦ ଚନ୍ଦନକୁ । ଯଦିଓ ମନୋଜ ବାବୁ ସବୁଦିନ ସକାଳେ ସେଠାକୁ ଯାଇ ମାଆମାନଙ୍କ ଆଶୀର୍ବାଦରେ ଦିନର ଆରମ୍ଭ କରନ୍ତି ତଥାପି ସମସ୍ତେ ଚାତକ ପ୍ରାୟ ଅନେଇ ବସନ୍ତି ମନୋଜ ବାବୁଙ୍କ ଆସିବା ବାଟକୁ । ଆଜିର ଦିନଟି ତ ବିଶ୍ୱର ସମସ୍ତ ମାଆମାନଙ୍କୁ ସମର୍ପିତ ତେଣୁ ଆଜିର ଦିନରେ ଯେତେବି କାମ ଥିଲେ ମନୋଜବାବୁ ମାଆମାନଙ୍କ ସହିତ ଦିନଟି କାଟିବା ପାଇଁ ଛୁଟି ଆଣନ୍ତି, ଏହା ସମସ୍ତ ମାଆମାନେ ଜାଣନ୍ତି । ଏଣୁ ମନୋଜବାବୁ ଭିତରକୁ ଯିବାପରେ ସମସ୍ତଙ୍କ ପାଦ ପୂଜା କରି ସମସ୍ତଙ୍କୁ ସେମାନଙ୍କର ନୂଆ ଲୁଗା ପିନ୍ଧିବା ପାଇଁ ଦେଇ ବସି ପଡ଼ିଲେ ପାଖରେ ଥିବା ଚୌକି ଉପରେ । ଏହା ଭିତରେ ମନୋଜବାବୁଙ୍କ ଆଖି ପଡ଼ିଲା ଘରର ଶେଷଭାଗ ଝରକା ପାଖରେ ବସି ବାହାରକୁ ଚାହିଁଥିବା ମହିଳାଙ୍କ ଉପରେ । ନିଜ ବସିବା ଜାଗାରୁ ଉଠିଯାଇ ତାଙ୍କ ପାଖରେ ବସିବାମାତ୍ରକେ କାନ୍ଦିବାକୁ ଲାଗିଲେ ମହିଳା ଜଣକ ଯଦିଓ ସେତେବେଳକୁ ତାଙ୍କ ଦୁଇ ଆଖି କଣରୁ ଦୁଇଟିଧାର ବେକକୁ ଛୁଇଁ ଶୁଖିଯାଇଥିଲା । ମନୋଜ ବାବୁଙ୍କୁ ବୁଝିବାପାଇଁ ଆଉ ବାକି ନଥିଲା ଯେ ଭଗବାନ ତାଙ୍କୁ ଆଉ ଗୋଟିଏ ମାଆର ସେବା ପାଇଁ ସୁଯୋଗ ପ୍ରଦାନ କଲେ । କିନ୍ତୁ ତାଙ୍କର ଜାଣିବାର ଥିଲା ଏହି ମାଆଙ୍କ ପରିଚୟ । ଏଣୁ ତାଙ୍କ ଆଖିର ଲୁହକୁ ପୋଛିଦେଇ ଉଠି ଆସିଲେ ତାଙ୍କ ବିଷୟରେ ଅନ୍ୟମାଆମାନଙ୍କ ଠାରୁ ଜାଣିବା ପାଇଁ ପଚାରିବାରେ ଜାଣିଲେ ଯେ ଏଇ ଗତ କାଲି ଏଠାକୁ ଆସିଛନ୍ତି ବୋଲି ।

ନାଁ ତାଙ୍କର ଉମା । ଏଇ କୋଡ଼ିଏ ଦିନ ପୂର୍ବରୁ ତାଙ୍କ ଜୀବନର ବଡ଼ ସମ୍ପତ୍ତିକୁ ହରାଇ ସାରିଛନ୍ତି । ବାକି ଜୀବନକୁ ବିତେଇବା ପାଇଁ ଆଶା କରିଥିବା ଆଶା ବାଡ଼ିଟି ମଧ୍ୟ ତାଙ୍କୁ ଧୋକା ଦେଇ ଚାଲିଗଲା । ଏଥିରୁ ମନୋଜ ବାବୁ କିଛି ନବୁଝି ପାରି ବିସ୍ତୃତ ଭାବରେ କହିବା ପାଇଁ କହିବାରୁ ପୁଣିଥରେ ଉମାଙ୍କ ବିଷୟରେ କହିବା ଆରମ୍ଭ କଲେ ସେହି ମାଆ ମାନଙ୍କ ମଧ୍ୟରୁ ଜଣେ । ଏ ହେଉଛନ୍ତି ଉମା ଦେବୀ । ଯାହାଙ୍କର ଗୋଟିଏ ହସ ଖୁସିର ସଂସାର ଥିଲା । ଗୋଟିଏ ବୋଲି ପୁଅ । ପୁଅକୁ ବଡ଼ କରି ଉପଯୁକ୍ତ ଶିକ୍ଷା ପ୍ରଦାନ କରି ବଡ଼ ମଣିଷ କରିବା ପାଇଁ ନିଜର ସମସ୍ତ ଚେଷ୍ଟାକରି ଚାଲିଲେ । ପୁଅ ଉଚ୍ଚଶିକ୍ଷା କରି ବିଦେଶରେ ଯାଇ ଚାକିରି କଲା । କିଛି ଦିନପରେ ସେଠାରେ ଗୋଟିଏ ଝିଅକୁ ବିବାହକରି ସେହି ଦେଶର ନାଗରିକତା ଗ୍ରହଣ କରିନେଲା । ଯାହା ପରେ ନିଜ ଦେଶ ତଥା ନିଜ ବାପାଆମାଆଙ୍କ ବିଷୟରେ ଭାବିବା ପାଇଁ ବୋଧହୁଏ ସମୟ ନଥିଲା । କେତେବେଳେ କେମିତି ଟିକେ ଫୋନ୍ କରି ନେଉଥିଲା । ଧୀରେଧୀରେ ବୟସ ବଢ଼ିବା ସହିତ ବାପାମାଆଙ୍କ ଶରୀର ଅସୁସ୍ଥ ହେବାକୁ ଲାଗିଲା । ଦୁଇ ଦୁଇଥର ମୃତ୍ୟୁ ମୁଖରୁ ବଞ୍ଚିବା ପରେ ଏଇଥର ଉମା ଦେବୀଙ୍କ ଧର୍ଯ୍ୟ ଭାଙ୍ଗିବାରୁ ପୁଅକୁ ଡକେଇଲେ ଗାଁକୁ ବାପାଙ୍କ ଶେଷ ଅବସ୍ଥାରେ ତାଙ୍କ ପାଖରେ ରହିବାକୁ । ହଁ ନାଇଁ ଭିତରେ ବହୁତ କାକୁତି ମିନତି ପରେ ଏକମାସର ଛୁଟି ନେଇ ପୁଅ ନିଜ ସ୍ତ୍ରୀ ସହିତ ଆସି ପହଞ୍ଚିଲେ । ଆସିବାର ଦିନେ ଦୁଇଦିନ ପରେ ବାପା ଶେଷ ନିଶ୍ୱାସ ତ୍ୟାଗ କଲେ । ସମୟ ଅନୁସାରେ ବାପାଙ୍କ ଶୁଦ୍ଧିକ୍ରିୟା ସମାପ୍ତ କରି ଦିନେ ରାତିରେ ପୁଅ ଉମା ଦେବୀଙ୍କ ପାଖରେ ବସି ନିଜର ଯିବା କଥାକୁ ଶୁଣେଇଲେ । ଉମା ଦେବୀ ବହୁତ ବୁଝେଇଲେ ତୁ ଆଉ ଯାଆନି ସେ ଦୂର ରାଇଜକୁ । ମୁଁ

ଏକୁଟିଆ ବୁଢ଼ୀଟା ଏଠି କେମିତି ରହିବି? କ'ଣ ଖାଇବି? ଦେହ ମୁଣ୍ଡ ହେଲେ କିଏ ବୁଝିବ ? ତେଣୁ ମୋ ଧନଟାପରା ତୁ ଆଉ ମୋତେ ଛାଡ଼ି ଯାଆନା । କିଛି ଉତ୍ତର ନଦେଇ ସେଦିନ ଚାଲିଗଲା ପୁଅ । ପରଦିନ ସନ୍ଧ୍ୟାରେ ମାଆ ପାଖକୁ ଆସି କହିଲା, ମାଆ ସବୁ ସମାଧାନ ହୋଇଗଲା ପରେ ରହିବା ଖାଇବା ସବୁ କଥା ବୁଝିଦେଲି । ତୋର କିଛି ଅସୁବିଧା ହେବନି । ମୁଁ କଥା ହୋଇଛି ଏ ଘର ଡିହ ସବୁ ବିକିଦେଇ ସେଥିରୁ କିଛି ଟଙ୍କା ଆମ ଗାଁ ନିକଟରେ ଥିବା ଜରା ନିବାସରେ ଜମା କରିଦେବି । ସେଠାରେ ସେମାନେ ତୋ କଥା ସବୁ ବୁଝିବେ, କିଛି ଅସୁବିଧା ହେବନି । ଛଳ ଛଳ ଆଖିରେ ଉମା ଦେବୀ ପୁଅର ମୁହଁକୁ ଅନେଇ ପ୍ରଶ୍ନିଳ ଭଙ୍ଗୀରେ ପଚାରିଲେ – ଜରା ନିବାସ? ମୋର କ'ଣ କେହି ନାହାଁନ୍ତି ଯେ ମୁଁ ଅସହାୟ ଭାବରେ ସେହି ଜରା ନିବାସରେ ରହିବି ?

ବୋଉ ତୁ ବୁଝୁନୁ କାହିଁକି ସେଠାରେ ତୋ ଭଳି ଆହୁରି ଅନେକ ଅଛନ୍ତି । କିଛି ଅସୁବିଧା ହେବନି । ମୁଁ ମାତ୍ର ଏକ ମାସର ଛୁଟି ଆଣି ଆସିଛି । ତୋତେ ସାଥିରେ ନେବା ସମ୍ଭବ ନୁହେଁ । ଏମିତିରେ ମୁଁ ସବୁଦିନ ଫୋନ୍‌ରେ ତୋ ସହିତ କଥାହେବି ।

ବହୁତ ନେହୁରା ହୋଇ ରାଣ ନିୟମ ପକାଇ ଶେଷରେ ରାଜି କରାଇ ଦେଇ କାଲି ସନ୍ଧ୍ୟାରେ ଆଣି ଏଠାରେ ଛାଡ଼ି ଯାଇଛି ତାଙ୍କ ପୁଅ । ଏଇ ନିକଟରେ ନିଜ ସ୍ୱାମୀଙ୍କୁ ହରାଇ ସାରିବା ପରେ ପୁଅର ଏଭଳି ବ୍ୟବହାର ତାଙ୍କୁ ବହୁତ କଷ୍ଟ ଦେଇଛି । ସେ ଆସିବା ବେଳଠୁ ସେଇଠାରେ ହିଁ ବସିଛନ୍ତି । ନା କିଛି ଖାଇବା ନା କିଛି ପିଇବା । ଏହା ଶୁଣି ସାରିବା ପରେ ମନୋଜ ବାବୁଙ୍କ ପାଦତଳୁ ଯେମିତି ମାଟି ଖସିଗଲା । ମନେ ମନେ ଭଗବାନଙ୍କୁ ବହୁତ ଗାଳି କରିବାକୁ ଲାଗିଲେ । ହେ ଭଗବାନ! ଯେ ତୁମ୍ଭର କେମିତି ନ୍ୟାୟ ପ୍ରଭୁ । ଯିଏ ମାଆ ମାଆ ବୋଲି ଝୁରି ହେଉଛି ତାକୁ ଜନ୍ମରୁ ମାଆ ସୁଖରୁ ବଞ୍ଚିତ କରୁଛ । ଯେ ମାଆ ସୁଖ କ'ଣ ଜାଣେନା ତାକୁ ହତାଦର କରେ ତାକୁ ମାଆ ଦେଉଛ । ଟିକେ ବସିବା ପରେ ମନୋଜବାବୁ ଅନ୍ୟ ମାଆମାନଙ୍କୁ ସାଥିରେ ଧରି ଚାଲିଲେ ଏବେ ଏବେ ମାଆମାନଙ୍କ ଗହଣରେ ସାମିଲ ହୋଇଥିବା ନୂଆମାଆଙ୍କ ନିକଟକୁ । ଦୀର୍ଘ ସମୟ ବୁଝିବାପରେ ନିଜ ହାତରେ ମନୋଜବାବୁ ଖୁଆଇ ଦେଇ ସମସ୍ତଙ୍କ ଗହଣରେ ମିଶାଇ ତାଙ୍କ ଦୁଃଖକୁ ଭୁଲେଇବା ପାଇଁ ଚେଷ୍ଟା କରିଥିଲେ ।

ଦିନଟା ସାରା ମାଆମାନଙ୍କ ଗହଣରେ ରହି ହସ ଖୁସିରେ ଦିନଟା କାଟି ସାରିବାପରେ ସେହି ଦିନ ପାଇଁ ଜଣ ଜଣ କରି ସମସ୍ତଙ୍କଠାରୁ ବିଦାୟ ନେଇ ପାଦ ଛୁଇଁ ଆଶିଷ ଭିକ୍ଷା କରିବା ପରେ ଶେଷରେ ନୂଆମାଆଙ୍କ ପାଦ ଛୁଇଁ ପ୍ରଣାମ କଲେ । ପ୍ରତି ଉତ୍ତର କିଛି ନମିଳିବାରୁ ମନୋଜ ବାବୁ କହିଦେଲେ କ'ଣ ମାଆ ଏ ଅଭାଗାକୁ କିଛି ଆଶୀର୍ବାଦ ଦେବନି ମାଆ?

ମନୋଜବାବୁଙ୍କୁ ଉଠାଇ ନେଇ ନିଜ ବାହୁ ବନ୍ଧନରେ ଚାପି ଧରି ମଥାରେ ଏକ ଚୁମ୍ବନ ଦେଇ କହିଲେ, ମୋ ପାଖରେ ଆଉ କ'ଣ ଅଛି ଯେ ଦେବି ? କେବଳ ଏତିକି କହିବି, ଅକ୍ଷୟ ହେଉ ପୁଣ୍ୟ ଜଗତେ....ଧର୍ମର ହେଉ ଜୟ ।

ଚକାପଦା, ବେଗନିଆ, ଖୋର୍ଦ୍ଧା ।

# ଏ ବୋଧେ ଋଣ ପରିଶୋଧ

- ଦୀଲ୍ଲିପ କୁମାର ସାମଲ, ଓଡ଼ିଆ ଅଧ୍ୟାପକ

ଗାଁ ନବନପୁର । ପ୍ରାୟ ସବୁଶ୍ରେଣୀର ଲୋକେ ଏଠି ବସବାସ କରନ୍ତି । କୁଳମଣି କହିଲେ ସମସ୍ତେ ଜାଣନ୍ତି, ଏମିତିକି ଆଠ ଦଶଖଣ୍ଡ ମୌଜାରେ କିଏବା ନଜାଣେ । ଯୁଗ ଆସି କୋଉଠି ବସିଲାଣି ହେଲେ ଖାଇବାକୁ ଏତେ ଅଭାବ ଯେ ପିଲାଠୁ ଆରମ୍ଭ କରି ବୁଢ଼ାଯାଏ ପେଟ ଚାଖଣ୍ଡକ ପାଇଁ କିଏ ମୂଲ ମଜୁରୀକୁ ଯାଏ ତ ପୁଣି କିଏ ଚାଷବାସ କରି ଗୁଜୁରାଣ ମେଣ୍ଟାଏ । ତେବେ ଏସବୁ ଅଭାବ ଅନଟନ ଭିତରେ କୁଳମଣି ହାର୍ ମାନି ଯାଇନି । ପିଲାଛୁଆ କହିଲେ ଏକୋଇରବାଳା ବିସିକେସନ ପୁଅଟିଏ । ନାଁ ତାର ଗୋପାଳ । ବହୁ ଦିଅଁଦେବତାଙ୍କୁ ପୂଜି ଗୋପାଳକୁ ପାଇଛନ୍ତି କୁଳମଣି ଆଉ ଶାନ୍ତିଲତା । ଖୁବ ଶାନ୍ତଶିଷ୍ଟ ସରଳ ପିଲାଟିଏ ଭଗବାନ କୋଳକୁ ଦେଇଛନ୍ତି । କହିଲାଭଳି ପେଟରେ ଓଦାକନା ପକେଇ ସ୍ୱାମୀ ସ୍ତ୍ରୀ ଦୁହେଁ ଗୋପାଳକୁ ମଣିଷପରି ମଣିଷଟିଏ କରି ଗଢ଼ି ତୋଳିବାପାଇଁ ଲାଗିପଡ଼ନ୍ତି । ପୁଅ ପାଠ ପଢ଼ିବ । ଆଗରୁ ନବନପୁର ଗାଁରେ କିଏ ଦ୍ୱିତୀୟ ତ କିଏ ଅତି ବେଶିରେ ତୃତୀୟପାଠ ପଢ଼ି ଦେଲେ ପଢ଼ା ଶେଷ । ଅଭାବ ଅନଟନ ଯୋଗୁ ଲୋକେ ପିଲାଙ୍କୁ ପାଠ ପଢ଼ାଇ ପାରୁନଥିଲେ । ପେଟ ପାଇଁ ଦାନା ଯୋଗାଡ଼ କରିବାକୁ ମୂଲ ମଜୁରୀ ଖଟିବାକୁ ବାପାମାଆମାନେ ସାଙ୍ଗରେ ଧରି ଚାଲିଯାଉଥିଲେ । କହନ୍ତି କୁଆଡ଼େ ଧନି ସାହୁ ପୁଅ ଲୋଚନ ସପ୍ତମ ଶ୍ରେଣୀ ପାଠ ପଢ଼ିଥିଲା । ସେହି ଗାଁରେ ବେଶି ପାଠ ପଢ଼ିଥିଲା ବୋଲି ଲୋକେ କହନ୍ତି କିନ୍ତୁ ବିଚରା କୋଉ ରୋଗରେ ଚାଲିଗଲା । ସେ ଯାହା ହଉ କିନ୍ତୁ କୁଳମଣି ଶାନ୍ତିଲତା ଆଖିରେ ଆଖିଏ ସ୍ୱପ୍ନ । ପୁଅ ପାଠ ପଢ଼ିଯିବା ପାଇଁ ସାଇକେଲଟିଏ କିଣି ଦେଇଥିଲେ ଦୁଇତିନି ମାଇଲ ବାଟର ରାସ୍ତା ଦେଇ ଯିବବୋଲି । ଅଭାବକୁ ଅନୁଭବ କରିବାକୁ ଦେଇନଥିଲେ ଗୋପାଳକୁ । ଦିନ ଗଡ଼ି ଚାଲିଲା ଆଉ ଗୋପାଳ ଭଲ ନମ୍ବର ରଖି ଦଶମ ଶ୍ରେଣୀ ପାସ୍ କଲା ।

ଖୁସି କହିଲେ ନସରେ କୁଳମଣି ଆଉ ଶାନ୍ତିଲତାର । ପୁଅ ପାଇଁ ପ୍ରତି ମୁହୂର୍ତ୍ତରେ ଅସୁମାରୀ ସ୍ୱପ୍ନ ଦେଖିବାକୁ ଲାଗିଲେ ।

ସ୍ୱପ୍ନ ପରେ ସ୍ୱପ୍ନ ଦେଖିଚାଲନ୍ତି ଗୋପାଳର ବାପାମାଆ । ଗାଁଲୋକେ ଯେଉଁ ସବୁ କଥାମାନ ଭାବୁଥିଲେ ସେ ସବୁରେ ପରିବର୍ତ୍ତନ ଆସିଲାଣି । ଲୋକେ କହିଲେଣି ଗୋପାଳ କଲେଜରେ ପାଠପଢ଼ିବ ବଡ଼ ଚାକିରି କରିବ ଏମିତିକି ତାକୁ ନେଇ ବହୁକିଛି ଭାବିବାକୁ ଲାଗିଲେ । ସହରରେ ରହି ଗୋପାଳ ପାଠ ପଢ଼ିଲା । ଚାହୁଁ ଚାହୁଁ ଆଇ.ଏ., ବି.ଏ ପାଠ ଶେଷ ହେଲା । ସରକାରୀ ସ୍ତରରେ ଯେଉଁ ସବୁ ଚାକିରି ବାହାରିଲା ସେଥିରେ ଆବେଦନ କଲା । ସମୟର ପରିବର୍ତ୍ତନରେ ସବୁକିଛି ପରିବର୍ତ୍ତନ ହେବାକୁ ଲାଗିଲା । ଏମିତିକି ଗାଁ ଲୋକଙ୍କ କଥାକୁ ବଡ଼ ଚାକିରି କଲା । ଗୋପାଳ ମାଆ ଆଉ ତା ବାପାର ପାଦ ତଳେ ଲାଗେନି । ମଣିଷପରି ମଣିଷଟିଏ ଗଢ଼ିତୋଳିଛନ୍ତି ବୋଲି ଦୁହେଁ କଥା ହେଲେ । ଏମିତିକି ଏଇ ଆଠ ଦଶ ଖଣ୍ଡ ମୌଜାରେ କିଏବି ଏତେ ବଡ଼ ଚାକିରି କରିନି । ଗୋପାଳର ଚାକିରି ହବାକଥା ଶୁଣି ଗାଁ ରେ ଆନନ୍ଦ ଉଲ୍ଲାସର ମାହୋଲ ଖେଳିଗଲା । କିଛିଦିନ ପରେ ଗୋପାଳ ଗାଁକୁ ଆସିଲା । ଆଖପାଖ ଗାଁଲୋକ ତାକୁ ଦେଖିବାକୁ ଆସିଲେ । ନବନପୁରରେ ଭୋଜିଭାତର ଆୟୋଜନ ହେଲା । ଗୋପାଳ ଗାଁର ଗର୍ବ ଗୌରବ ବୋଲି ଲୋକ କହିଲେ । ବହୁ ବିଷୟରେ ମାଇପିଲୋକେ ଟୁପୁରୁଟାପୁର ହେଲେ ।

ଗାଁଲୋକଙ୍କ ଆନନ୍ଦ ଉଲ୍ଲାସ ଦେଖି ଗୋପାଳ ବହୁ ଯୋଜନା ମାନ କଲା । ଘରଲୋକ ଆଉ ଗାଁଲୋକଙ୍କୁ ମଧ୍ୟ କହିଲା, ଆମ ଗାଁରେ ସ୍କୁଲ ହେବ । କେହି ଅଶିକ୍ଷିତ ରହିବେନି ସବୁପିଲା ପାଠ ପଢ଼ିବେ । ଡାକ୍ତରଖାନା ବସିବ । ରୋଗ ହେଲେ ବେଶି ବାଟ ଯିବାକୁ ପଡ଼ିବନି, ବିଜୁଳି ଆସିବ । ସମୟ ସୁଅରେ ଗାଁରେ ସବୁକିଛି ହେଲା ।

କାର୍ଯ୍ୟ ବ୍ୟସ୍ତତାରେ ଗୋପାଳ ଆଉ ଗାଁ ଆସିପାରିଲାନାହିଁ । ଯେପରି ଆଗ ଭଳି ଆସୁଥିଲା । ବାପା ମାଆର ଅନେକ ସ୍ୱପ୍ନ । ପୁଅକୁ ଦେଖାକରି ଆସିବା ପାଇଁ ଦିନ ସ୍ଥିର କଲେ ସ୍ୱାମୀ ସ୍ତ୍ରୀ ଦୁହେଁ । ଆସନ୍ତା ପୁଷ ପୁନେଇଁ ଦିନ ଯିବେ ବୋଲି । ପୁଷ ମଣ୍ଡା ଆଉ କାକରା ପିଠା ଗୋପାଳର ଖୁବ୍ ପ୍ରିୟ । ତା' ମାଆ ପୁଅ ମନଜାଣି ମନଦେଇ ପିଠା କଲେ ଏବଂ ପୁନେଇଁ ଦିନ ଭୋରୁ ଭୋରୁ ବାହାରିପଡ଼ିଲେ ସହର ଅଭିମୁଖେ । ପୁଅର ଠିକଣା ପଚାରିପଚାରି ପହଞ୍ଚିଗଲେ ଦୁହେଁ ପୁଅ ଘରର ଗେଟ ଆଗରେ । ଦିନ ଦୁଇଟା ବାଜିଲାଣି । ବାହାରପଟୁ

ଭିତର ବ୍ୟବସ୍ଥା ଦେଖି ଦୁହେଁ ଆଶ୍ଚର୍ଯ୍ୟ । ଜଗୁଆଳିମାନେ ଘର ଚାରିପଟେ ପହରା ମାରୁଛନ୍ତି, ଦୁଇଦୁଇଟା ବିଲାତି କୁକୁର, ସୁନ୍ଦର ଫୁଲ ବଗିଚା ଭିତରେ ଲୋକ କାମ କରୁଛନ୍ତି । ଏସବୁ ଦେଖି ଗେଟ୍ ଦେଇ ଭିତରକୁ ପ୍ରବେଶ ହୁଅନ୍ତେ ଜଗୁଆଳି ଜଣକ ପଚାରିଲା କିଏ ତମେ, ଏଠାରେ କ'ଣ କାମ? ମନେ ମନେ ଭାବିଲା ଖାଣ୍ଟି ମଫସଲିଆ ଭୁଲ୍‌ରେ ଚାଲି ଆସିଛନ୍ତି । କିଛିକ୍ଷଣ ପରେ ଜଗୁଆଳି ଜଣକ ଜାଣିବାକୁ ପାଇଲା ଦୁହେଁ ସାହେବଙ୍କ ବାପାମାଆ । ନମସ୍କାର ଜଣାଇ ବସିବା ପାଇଁ ଦୁଇଟି ଚେୟାର ଦେଲା । ଗୋପାଳ ଆଉ ଗୋପାଳ ନୁହେଁ ସେ ଆଜି ଗୋପାଳ ବାବୁ ପୁଣି କୁହନ୍ତି ସାହେବ । ସେହି ସମୟଦେଇ ଗୋଟିଏ କାର ହର୍ଣ୍ଣ ବଜାଇ ଭିତରକୁ ପ୍ରବେଶ କଲା । ଗୋପାଳକୁ ଦେଖି ସବୁ ସାଲ୍ୟୁଟ ମାରୁଥାନ୍ତି । ଦୂରରୁ ଏସବୁ ଦେଖି କୁଳମଣି ଆଉ ଶାନ୍ତିଲତା ଖୁସିରେ ଆତ୍ମବିଭୋର ହୋଇଯାଉଥାନ୍ତି । ଆଧୁନିକତାର ସ୍ପର୍ଶରେ ମଣିଷ ଏତେ ବ୍ୟସ୍ତ ଯେ ସାଲ୍ୟୁଟ ମାରିଲେ ମଧ୍ୟ କିଛି ଦେଖାଯାଏ ନାହିଁ କି କୌଣସି ପ୍ରକାରେ ଇଙ୍ଗିତର ଇସାରା ଆସେନାହିଁ । ଆଉ ଯିବା ବାଟରେ ତାର ବାପା ମାଆ ବସିଛନ୍ତି ବୋଲି କେମିତି ବା ନଜର ଯିବ । ଗୋପାଳ ସହ ଯାଉଥିବା ସ୍ତ୍ରୀ ଲୋକଟିକୁ ଦେଖି ଜଗୁଆଳି ଠାରୁ ବୁଝିନେଲେ ଗୋପାଳ ବିବାହ କରିସାରିଛି । ଏସବୁ ଜାଣିବା ପରେ ସ୍ୱାମୀସ୍ତ୍ରୀ ଦୁହେଁ ନିରବ ।

ଯେତେବେଳେ ଜଗୁଆଳି ଜଣକ କୁଳମଣି ଆଉ ଶାନ୍ତିଲତାକୁ ପୁଅର ଘରକୁ ନେଇଯିବାକୁ ବାହାରିଲା ହଠାତ ଦେଖାଦେଲା ବୋଧେ କୌଣସି ଜରୁରୀ କାମରେ ଗୋପାଳ ଆଉ ତା ସ୍ତ୍ରୀ ଦୁହେଁ ବାହାରିଛନ୍ତି ବୋଲି ଗୋପାଳର ବାପା ଅନୁମାନ କରିନେଲେ । ଘର ଭିତରକୁ ପ୍ରବୋ କରିବାକୁ ଉଦ୍ୟନ୍ତ ହୁଅନ୍ତେ ଗୋପାଳର ସ୍ତ୍ରୀ ପଚାରିଲା ଏମାନେ କିଏ ? କିଛି କ୍ଷଣ ନୀରବ ରହିଲା ବାପା ବୋଉକୁ ଦେଖିଲା ଆଉ ମଫସଲିଆ ବେଶ ପୋଷାକ ରୂପଚର୍ଯ୍ୟା ସହ ହାତରେ ସିମେଣ୍ଟ ବସ୍ତାର ବ୍ୟାଗ ଦେଖି ଗୋପାଳ ତା ସ୍ତ୍ରୀକୁ ଉତ୍ତର ଦେଲା, ଏମାନେ ଆମ ଗାଁ ଘରର ଚାକର । ଏତିକି କହି ବାହାରକୁ ଚାଲିଗଲେ । ଜଗୁଆଳି ଜଣକ ସବୁ ଦେଖି ଜାଣି ଶୁଣି ସ୍ଥାଣୁ ପାଲଟିଗଲା ବଲବଲ କରି ମୁହଁକୁ ଚାହିଁଲା । ଭାବ ରାଇଜରେ ସେ ଭିଜିଗଲା । ଆଖିରୁ ଅଶ୍ରୁର ଧାର ବୋହିଗଲା ଆପେ ଆପେ । ହାତରେ ଧରିଥିବା ବାଡ଼ିଟିରେ ନିଜ ଗୋଡ଼କୁ ପାହାରେ ପିଟିଲା । ଦରମିଶା କଂକ୍ରିଟା ମାଟି ପାଲଟିଗଲା । ହଠାତ୍ ଡାକମୁନସି କଥା ମନେପଡ଼ିଲା । ଆଖିରୁ ଲୁହ ପୋଛି ପଛକୁ ଚାହିଁ ଦେଖେ ଗୋପାଳ ବାବୁଙ୍କ ବାପା ମାଆ ସେଠାରେ ନାହାନ୍ତି । ଜଗୁଆଳି ଜଣକ କିଛି ବାଟ ଖୋଜିବାକୁ ଗଲା । ଗାଁକୁ ଚାଲିଗଲେ ବୋଧେ ଭାବି ଲଥ୍ କରି ବସିପଡ଼ିଲା । ଭାବିଭାବି ସେ ନିଜକୁ ଧିକାରି କହିଲା ଈଶ୍ୱର ମଙ୍ଗଳ କରନ୍ତୁ ।

ଏମିତିକି ପାଞ୍ଚସାତ ବର୍ଷ ବିତିଗଲା କୁଳମଣି ଘରର ତାଲା ଫିଟିଲାନି । ଲୋକେ ଭାବିଲେ ବୁଢ଼ାବୁଢ଼ୀ ଦୁହେଁ ପୁଅକୁ ବାହାକରି ବୋହୂର ହାତ ପରସା ଖାଇ ସହରରେ ରହିଗଲେ । ହେଲେ କିଏ ଜାଣେ କୁଳମଣି ଆଉ ତା ସ୍ତ୍ରୀ ଶାନ୍ତିଲତା କୁଆଡ଼େ ଗଲେ କିଚି ଖବର ବି ମଳିଲାନି ।

ବିବେକାନନ୍ଦ କଲେଜ ଟାଙ୍ଗିଆପଡ଼ା, ଖୋର୍ଦ୍ଧା ।

# କଣେମନ୍ତ

– ତପନ କୁମାର ଦାଶ, ଶିକ୍ଷକ

ସେଦିନ ସକାଳ ୯ଟାରେ ସବୁ ପିଲା ହାଜର ସେଇ ବିଦ୍ୟାଳୟ ହତାକୁ । ମନରେ ଉତ୍କଣ୍ଠା, ନୂଆ ସାର ଆସିବେ । କେମିତି ଥିବେ, ରାଗି, ହସକୁରା, ସାଙ୍ଗ ଭଳିଆ । ପିଲାମାନେ ଯଗିଥାନ୍ତି ୧୦ଟା ହେଲେ ପ୍ରାଥନା ହେଲା । ପ୍ରଧାନ ଶିକ୍ଷକ ବି ଯଗିଥାନ୍ତି । ୧.୩୦ ବି ହୋଇଗଲା । ମଧହ୍ନ ଭୋଜନନ ସମସ୍ତେ ଖାଇଲାବେଳକୁ ହଠାତ୍ ଆସି କିଏ ଜଣେ ଗୋରାଲୋକ ବାଜାଜ ପଲସର ବାଇକରେ ପହଞ୍ଚିଲେ । ସିଧା ଆସି ପ୍ରଧାନ ଶିକ୍ଷକଙ୍କୁ ଭେଟି ନମସ୍କାର କହି ଅଫିସ୍‌ରେ ବସିଲେ ଓ କଥା ହେଲେ ପିଲାଏ ଜାଣିଲେ ସେ ହିଁ ନୂଆ ଶିକ୍ଷକ ସବୁ ଠିକ୍ ଠାକ ଥିଲା । ସବୁଦିନ ୧୦ଟାରେ ଆସି ପ୍ରାର୍ଥନା କରନ୍ତି ନୂଆ ନୂଆ ଜିନିଷ ଶିଖାନ୍ତି । ପିଲାଏ ଶେ ଖୁସି । ନୂଆ ସାର ଆସିଲାଦିନୁ ଖେଳିବାକୁ ବି ବିଳେ । ସବୁ ଠିକ୍ ଠାକ୍ ଚାଲିଥାଏ । ଶିକ୍ଷକ ବି ବହୁତ ଭଲ ପାଉଥିଲେ ପିଲାଟିକୁ । ଦିନେ ଲକ୍ଷ୍ୟ କଲେ ଜଣେ ପିଲା ବହୁତ ଦିନ ଅନୁପସ୍ଥିତ ରହୁଛି । କେବେ ଆସେ କେବେ ନାଇଁ । ମୁହଁରେ ଶୁଖିଲା ହସ ଆଗପରି ତତ୍ପରତା ନାହିଁ, ଖୁସି ନାହିଁ । ପ୍ରଥମରେ ଶିକ୍ଷକ ଧ୍ୟାନ ଦେଲେନି । କିନ୍ତୁ ଧୀରେ ଧୀରେ ପିଲାଟିର ଉପସ୍ଥାନ କମିବାକୁ ଲାଗିଲା । ସବୁଦିନ ସେ ଆସିଲେ ତାକୁ ବୁଝାନ୍ତି । ଦେଖ କେଶମନ୍ତ ସବୁ ଦିନ ସ୍କୁଲ ଆସିବୁ ନାଇତ ମାଡ଼ ଖାଇବୁ । ଏମିତି ପ୍ରାୟ ଗାଳି ଗୁଲଜ ବି କରନ୍ତି । କିନ୍ତୁ ପିଲାଟି ହଁ ସାର କହିଦିଏ । ଶିକ୍ଷକ ଜାଣିବାକୁ ପାଇଲେ ଯେ ତାର ଗୋଟିଏ ଭଉଣୀ ମଧ ପଢ଼େ ପଞ୍ଚମ ଶ୍ରେଣୀରେ ତା ନାଁ ପରମିତା । କେଶମନ୍ତ ପଢ଼େ ଚତୁର୍ଥ ଶ୍ରେଣୀରେ । ଭଉଣୀ ପରମିତା ମଧ ସେହିପରି  କେବେ ଆସିଲେ କେବେ ନାଇଁ । ଶିକ୍ଷକ କିଛି ବୁଝି ପାରୁ ନଥାନ୍ତି । ଦୁଇ ଭାଇଭଉଣୀଙ୍କୁ କେବେ ଏକାଠି ଦେଖିବାକୁ ମିଳେନି । କିନ୍ତୁ ଦୁଇଜଣ ଯାକ ପଢ଼ନ୍ତି ଭଲ । ଆଜ୍ଞାଧୀନ ଅଟନ୍ତି । ସାର ତା ଭଉଣୀକୁ ଝିଅପିଲା ଭାବି କିଛି କହନ୍ତି ନାହିଁ । କିନ୍ତୁ କେଶମନ୍ତକୁ ଭାରି ତାଗିଦ୍ କରନ୍ତି । ସାର୍ ପିଲାଙ୍କ ସଂଗେ ନିଜେ ଖେଳନ୍ତି ଖେଳାନ୍ତି । ଚକଲେଟ ଦିଅନ୍ତି । ନୂଆ ସରଞ୍ଜାମ କାଢ଼ି ପଢ଼ାନ୍ତି । ପିଲଏ ବି ଖୁସି । ଗାଁଲୋକେ ବି ଖୁସି । କିଏ କିଏ କୁହନ୍ତି ଏତେ ଦିନକେ ସରକାର ଆମ କଥା ବୁଝିଲେ । ଭଲ ସାର ଜଣେ ଦେଲେ । ସେ ଯାହା ହଉନା କାହିଁକି ସ୍କୁଲକୁ ଆଗରୁ ପିଲା ଆସୁନଥିଲେ । ଏବେ ପୁରା ୯୦% ଉପସ୍ଥାନ । ସମସ୍ତେ ଖୁସି । ସାର ସମସ୍ତଙ୍କୁ ମାଗଣା ହସ୍ତାକ୍ଷର କିଣି ଦିଅନ୍ତି । କେତେବେଳେ କୋଉ ବହି ଦିଅନ୍ତି ତ ଆଉ କିଛି ନିଜେ କିଣି ଦିଅନ୍ତି । କେଶମନ୍ତକୁ ବି ଦିଅନ୍ତି । ସାର କିନ୍ତୁ ସମସ୍ତଙ୍କୁ କହିଥାନ୍ତି ଯାହା ହଉ କେବେ ଠକିବନି କି ଅନୁପସ୍ଥିତ ରହିବନି । ନଚେତ ନିଶ୍ଚୟ ମାଡ଼ ଖାଇବ । ବେଳେବେଳେ ମାଡ଼ ବି ଦିଅନ୍ତି ଯିଏ ନ ଆସିଲେ ।

ଦିନକର ଘଟଣା କେଶମନ୍ତ ସେଦିନ ଆସିନଥିଲା । ସାର୍ ତାକୁ ଭଲ ପଢୁଥିବାରୁ ଟିକେ ନଜର ରଖୁଥିଲେ । ସାର୍ କିଛି କହିଲେନି । ପରଦିନ ମଧ ଆସିଲାନି । ସାର୍ ତା' ଭଉଣୀକୁ ପଚାରିବାରୁ ସେ କହିଲା – ସାର୍ ସେ ଛେଳି ଚରେଇ ଯାଇଛି । ସାର ରାଗିଗଲେ ଓ ପରମିତାକୁ ଓ ତା ବାପାମାଙ୍କୁ ମଧ ଗାଳି ଦେଲେ । ଆରଦିନ ସାର୍ ରାଗିଥାନ୍ତି । ଆସିଲାରୁ କେଶମନ୍ତକୁ ବୁଝେଇଲେ । ସବୁ ଦିନ ଦୁଇଜଣ ସ୍କୁଲ ଆସ ପାଠ ପଢ଼ । ଘରେ ଯିଏ କାମ ବତେଇଲେ କରିବ ଆଉ ଆସିବ । ସେ ବି ହଁ କହିଦେଲା ଡରରେ । କିନ୍ତୁ ସାର୍ ଲକ୍ଷ୍ୟ କଲେ କିଛି ପରିବର୍ତ୍ତନ ହେଲାନାହିଁ । ସ୍ୱାଧୀନତା ଦିବସର ଆଗଦିନ ମଧ ଆସିଲାନି କେଶମନ୍ତ । ସାର ଭାବିଥିଲେ ତାକୁ ସ୍ଲୋଗାନ ଶିଖେଇବେ ଓ ସେ ଆଗଧାଡ଼ିରେ ସ୍ଲୋଗାନ ଦେବ । କିନ୍ତୁ ସବୁ ଫସର ଫାଟିଗଲା । ସ୍ୱାଧୀନତା ଦିବସ ସରିଲା । ତା' ଦେଖା ଦର୍ଶନ ମିଳିଲାନି । ସେ ସବୁବେଳେ ଏମିତି କରୁଛି ଯୋଉ ଦିନ କିଛି ଆବଶ୍ୟକ ଥିବ ସାର୍ କହିଥିବେ ସେ ଆସେନି । ସାର୍ ରାଗିଯାଇଥାନ୍ତି । ଦୁଇତିନି ଦିନ ଗଲା କେଶମନ୍ତ ସ୍କୁଲ ଆସିଲା । ସାର ରାଗରେ ଯଗିଥାନ୍ତି । ପ୍ରାର୍ଥନା ସାରିବାରୁ କେଶମନ୍ତକୁ ସାର ପ୍ରାର୍ଥନା ସଭାରେ ନିରଧୂମ ଛେଚି ଦେଇଗଲେ । ତା କଥା କିଛି ଶୁଣିଲେ ନାହିଁ । ବିରି ମାଡ଼ ଦେଖି କୋଳଥ ଚେପା । ସବୁ ପିଲା ତା' ମାଡ଼ ଦେଖି ଚୁପ୍‌ଚାପ୍ କେଶମନ୍ତ ବିଚରା ବହୁତ କାନ୍ଦିଲା । ସାର କହିଲେ ଯଦି ପୁଣି ଅନୁପସ୍ଥିତ ରହିବୁ ଗୋଟେ ହାତ ଓ ଗୋଟେ ଗୋଡ଼ ଭାଙ୍ଗିଦେବି । ତା ଭଉଣୀକୁ ବି ବହୁତ ଗାଳି ଗୁଲଜ କଲେ ।

ବିଚରା କେଶମନ୍ତ କାହକାକୁ କହିବ କାନମୁଣ୍ଡା ଆଉଁସି ଯାଇ ଶ୍ରେଣୀରେ ବସିଗଲା । ତମେ ଦୁଇଟା ସ୍କୁଲକୁ ସବୁଦିନ ଆସିବ । ନଚେତ ଆସିବନି ସାର କହିଦେଲେ । ତା ଆରଦିନ ସ୍କୁଲ ପରିଚାଳନା କିମିଟିର ଗୋଟିଏ ମିଟିଂ ଥିଲା । ପ୍ରଧାନ ଶିକ୍ଷକ ମଧ୍ୟ ମିଟିଂରେ ଥିଲେ । ସବୁ ଆଲୋଚନା ସରିଲା । ସାର କେଶମନ୍ତ କଥା ଆଲୋଚନା କଲେ । ବହୁତ ବଦମାସ୍ ପିଲାଟା । ତା' ଭଉଣୀ ବି ସେମିତି କହିଲେ । ବହୁତ ଗାଳି ଦେଲେ କହିଲେ ତା' ବାପାମାଙ୍କୁ ଡାକ ସମସ୍ତେ ନିର୍ବାକ । କାହା ପାଟିରୁ କିଛି କଥା ବାହାରୁ ନଥାଏ । ଏତେ କଥା କହୁଛନ୍ତି ସମସ୍ତେ ସାରଙ୍କୁ ବହୁତ ସମ୍ମାନ ଦିଅନ୍ତି । ଭଲ ପାଆନ୍ତି ଯଦି କେହି କିଛି କହିଲେ ସାର କାଳେ ବଦଳି ହୋଇ ଅନ୍ୟତ୍ର ଚାଲିଯିବେ । ଯଦି ଏମିତି ହୁଏ ସବୁ ସରିଲା । କେତେ କଷ୍ଟରେ ମନ୍ତ୍ରୀଙ୍କୁ କହିବାରୁ ଜଣେ ଜାଗାରେ ଆଉ ଜଣେ ସାର୍ ଆସିଲେ । ଗାଁ ସ୍କୁଲକୁ ସମସ୍ତେ ଜାଣନ୍ତି କେତେ କଷ୍ଟ କରିଛନ୍ତି ଗାଁଲୋକେ ଦ୍ୱିତୀୟ ସାରଙ୍କ ପାଇଁ । ସବୁ ତପସ୍ୟା ଶୁଖୁଆ ଝୋଳରେ ଯିବ । ସେ ଯାହା ହଉନା କାହିଁକି କେହି କିଛି ବୁଝିପାରୁନଥାନ୍ତି । ସମସ୍ତେ ଭାବୁଥାନ୍ତି ବୋଧେ ପିଲାଟା କିଛି ଦୁଷ୍ଟାମୀ କରୁଥିବ । ସାରଙ୍କ କଥା ମାନୁ ନଥିବ । କିନ୍ତୁ ପଚାରିଲେ ସାର ସବୁ କିହଦେଲେ ପ୍ରଧାନ ଶିକ୍ଷକ କିନ୍ତୁ ସବୁ ଜାଣିଛନ୍ତି । ସେ ନୂଆ ଶିକ୍ଷକଙ୍କୁ ସବୁ କଥା ଅଫିସରେ ବସେଇ କହିଲେ । ବିଚରା କେଶମନ୍ତର ବାପା ନାହାଁନ୍ତି । କିଛିଦିନତଳେ ଗୋଟି,ଏ ଦୁର୍ଘଟଣାରେ ମରି ଯାଇଛନ୍ତି । ତାଙ୍କ ଘରେ ପାଞ୍ଚଜଣ କୁଟୁମ୍ବ । ଦୁଇଭାଇ ଦୁଇ ଭଉଣୀ ଓ ମା'ଟିଏ । ସବୁଠୁ ବଡ଼ ଭଉଣୀ ଘର କାମ କରେ । ପରମିତା ତାକୁ କେବେ କେବେ ସାହାଯ୍ୟ କରେ । ବଡ଼ଭାଇ ଯାଇଛି ରାଜ୍ୟ ବାହରକୁ ରୋଜଗାର ପାଇଁ । ଆଉ ତା' ମା' ଏଠି ସେଠି କିଛି ମଜୁରୀ କରୁଛି । ଯାହା ଆଣେ ଚାରି କୁଟୁମ୍ବ ସୁଖରେ ଦୁଃଖରେ ଚଳିଯାନ୍ତି । ବିଚରା କେଶମନ୍ତ ଆଉ ପରମିତା କେବେ କେବେ ଘରେ କାମ ଥିଲେ ରହିଯାନ୍ତି । ବଡ଼ ଭଉଣୀକୁ ସାହାଯ୍ୟ କରନ୍ତି । କେଶମନ୍ତ ଏକୁଟିଆ ପୁଅ ହେଇଥିବାରୁ ପ୍ରାୟ ଅଣି ପ୍ରତିଶତ କାମ କରିବାକୁ ପଡ଼େ । ସେଥିପାଇଁ କେବେ ସ୍କୁଲ କେବେ କାମ କେବେ ହାଟକୁ । ଘରେ ତାର ବହୁତ ଅସୁବିଧା । ବିଚରା ଘରେ ସବୁଠୁ ଛୋଟ ହୋଇଥିବାରୁ ବହୁତ ଗେହ୍ଲା କିଏ ତାକୁ କିଛି କହନ୍ତି ନାହିଁ । ଗାଁର ସମସ୍ତ ଲୋକ ବି ଖଟିଖିଆ ମଜୁରିଆ । ଯାହା ପାରନ୍ତି ସାହାଯ୍ୟ କରନ୍ତି । ଏହିସବୁ ଶୁଣି ସାରଙ୍କ ଆଖିରୁ ଲୁହ ଧାର ବାହାରି ପଡ଼ି ସାରିଥାଏ । ନିଜକୁ ବହୁତ ଘୃଣ୍ୟ ମନେ କଲେ । ସତରେ ସେ କେତେ ନିଷ୍ଠୁର । ନିଜକୁ ନିଜେ ବହୁତ ଗାଳି କଲେ । କିଛି ନଜାଣି ନଶୁଣି କେତେ କଣ କହି ପକେଇଲି ପିଲାଟାକୁ । ସାରଙ୍କ ମୁଣ୍ଡ ତଳକୁ ହେଇଗଲା । ପ୍ରଧାନ ଶିକ୍ଷକଙ୍କ ସମାନାରେ କିନ୍ତୁ ପ୍ରଧାନ ସାର ନୂଆ ସାରଙ୍କୁ ବହୁତ ବୁଝାଇଲେ । ଆପଣଙ୍କର କିଛି ଦୋଷ ନାହିଁ । ଆପଣ ତ ଆପଣଙ୍କ କର୍ତ୍ତବ୍ୟ କରୁଛନ୍ତି । ଆପଣ ଜଣେ ବହୁତ ଯୋଗ୍ୟ ଗୁରୁ । ମୋର ଭାଗ୍ୟ ଯେ ମୁଁ ଆପଣଙ୍କ ଭଳିଆ ଜଣେ ସହ ଶିକ୍ଷକ ପାଇଛି । କର୍ତ୍ତବ୍ୟ ନିଷ୍ଠା ଧମପରାୟଣ ସମୟାନୁବର୍ତ୍ତିତା ଛାତ୍ର ନିଶ୍ଚଳ ଅଟନ୍ତି । ଏମିତି ବୁଝେଇ ଘରକୁ ପଠେଇ ଦେଲେ । ସ୍କୁଲ ଛୁଟି ହେଲା । ସେ ଆଉ କାହା ସଂଗେ ମୁହଁ ମିଶେଇ ପାରୁନଥିଲେ । ରାତିରେ ଭୋକ ନାହିଁ କି ଶୋଷ ନାହିଁ । ନିଦ ବି ଲାଗୁନି । ସକାଳ ହେଲା । ସାର କେମିତି କୋଉ ମୁହଁ ନେଇ ସାମନା କରିବେ ଛୁଆଗୁଡ଼ାଙ୍କୁ, କେଶମନ୍ତକୁ । ଯାହା ବି ହଉ ଡ଼ିଉଟି ତ ଯିବାକୁ ପଡ଼ିବ । ଭାବି ଭାବି ଗାଧେଇ ପାଧେଇ ବାହାରିପଡ଼ିଲେ ଟିକେ ବିଳମ୍ବରେ । ପ୍ରଧାନ ସାର ଯଗିଥାନ୍ତି । ନୂଆସାର ଆସିଲାରୁ ପ୍ରଧାନ ସାର କିଛି ଅଫିସ କାମରେ ଚାଲିଗଲେ । ଏକୁଟିଆ ସାର୍ କରିବେ କ'ଣ । ପିଲାଏ ଯଗିଛନ୍ତି ସାର୍ ଆସିବେ ପଢ଼େଇବେ । ଆଗ ଭଳି ଆଉ ପାଟି ନାହିଁ । କଥାବାର୍ତ୍ତା ନାହିଁ ପିଲାଙ୍କର । ଚୁପଚାପ ସତେ ଯେପରି ସମସ୍ତଙ୍କୁ ସାପ ଶୁଙ୍ଘି ଯାଇଛି । ସାର୍ ଧର୍ଯ୍ୟ ଧରି ପଶିଲେ ଶ୍ରେଣୀରେ । ହଠାତ୍ ନଜର ପଡ଼ିଲା କେଶମନ୍ତ ଉପରେ । ସାର୍ ଆଉ କୋହ ସମ୍ଭାଳି ନପାରି ତା ପାଖକୁ ଚାଲିଗଲେ । ସେ ବିଚରା ସଂଗେ ସଂଗେ ଠିଆ ହୋଇଗଲା ଡରରେ । ସାର୍ ତାକୁ ଜାବୁଡ଼ି ଧରି ଆଲିଙ୍ଗନ କରି ପକେଇଲେ । ଦୁଇ ମିନିଟ ଯାଏ ସମସ୍ତେ ନିସ୍ତବ୍ଧ । କ୍ଷମା ମାଗିଲେ, ସାର୍ ସମସ୍ତଙ୍କୁ । ଆଉ କେବେ କାହାକୁ ପିଟିବେନି ଶପଥ କଲେ । ଆଉ କେଶମନ୍ତକୁ କହିଲେ ଯଦି କେବେ କୌଣସି ଅସୁବିଧା ହୁଏ ମତେ ନିଶ୍ଚୟ କହିବୁ ଡରିବୁନି । ସାର ଆଣିଥିବା ଚକଲେଟ ପକେଟ କାଢ଼ି ସମସ୍ତଙ୍କୁ ବାଂଟିଦେଲେ । ପିଲାଙ୍କ ଖୁସି କହିଲେ ନସରେ । ଆଗଭଳି ସମସ୍ତେ ଖୁସି । ପୁଣି ସେମିତି ପାଠପଢ଼ା ଚାଲିଲା । ଖେଳ ଚାଲିଲା । ।ଆଗପରି ଆଉ ମାଡ଼ ନାହିଁ କି ଗାଳିଗୁଲଜ ନାହିଁ । ସାର ପୁରା ଭଲ ଏମିତି କିଛି ଦିନ ଚାଲିଲା । ସାର କେଶମନ୍ତ ଘରକୁ ମଧ୍ୟ ବେଳେବେଳେ ଯାନ୍ତି । କିଛି ପଇସା ପତ୍ର ତା ମା'କୁ ଦେଇ ଆସନ୍ତି । ଆସିଲାବେଳେ କୁହନ୍ତି ଟେନସନ୍ ନବନି ଯାହା ଅସୁବିଧା ହେଲେ କହିବ ମତେ । କେଶମନ୍ତକୁ ସ୍କୁଲ ଛାଡ଼ିବ । ତା' ମା' ବିଚାର କହିବି କ'ଣ ପାଠ ସାଠ କିଛି ଜାଣେନି । ଏଇମିତି କେତେ ଦିନ ଚାଲିଗଲା । ଏବେ କେସମନ୍ତ ମଧ୍ୟ ପ୍ରାୟ ସ୍କୁଲ ଆସେ । ଆଉ ଅନୁପସ୍ଥିତ ରହେନି ।

ତାର ଚତୁର୍ଥ ରୁ ପଞ୍ଚମ ହେଲା । ଦିନେ ସାର୍ ସକାଳୁ ସ୍କୁଲ ଆସୁ ଆସୁ ଗାଁରେ ଲୋକମାନେ ଗାଁ ସ୍ମଶାନରେ ରୁଣ୍ଡ ହୋଇଥିଲେ । ବୋଧେ କାହାର ଗୋଟେ ଶବ ଦାହ କାର୍ଯ୍ୟ ହେଉଥାଏ । ସାର ଟିକେ ରହି ମୁଣ୍ଡିଆ ମାରି ଚାଲିଆସିଲେ ସ୍କୁଲକୁ । ସ୍କୁଲକୁ ଆସି ହଠତ୍ ପଚାରିଦେଲେ କେଶମନ୍ତ କାଇଁରେ ପିଲେ? କିଏ ଜଣେ ରୁଦ୍ଧ ସ୍ୱରରେ ଉତ୍ତର ଦେଲା । ତାର ମା କାଲି ଆକ୍ସିଡେ଼ଣଟରେ ମରିଗଲା ସାର!!! ଏହା ଶୁଣି ସାର୍ ଚୌକିରେ ନଥି କିନି ବସି ପଡ଼ିଲେ । ସଂଗେ ସଂଗେ ବାଇକ ଧରି ଚାଲିଲେ କେଶମନ୍ତ ଘରକୁ । ସେଠି ଦେଖନ୍ତି ଲଣ୍ଡାହୋଇ ବସିଛି ବିଚରା ମା'ବାପା ଛେଉଣ୍ଡ ପିଲାଟା । ତାକୁ ଯାଇ କୁଣ୍ଢେଇ ପକେଇଲେ । ପିଲାଟା କାନ୍ଦି ପକେଇଲା । ତା' ଭାଇ ଭଉଣୀ ସମସ୍ତେ କାନ୍ଦୁଥାନ୍ତି । ଲୋକେ କଥାବାର୍ତ୍ତା ହେଉଥାନ୍ତି ବିଚରାର ବାପା ଚାଲିଗଲା ଏବେ ମା ବି ଏମାନଙ୍କୁ ଛାଡ଼ି ଆରପାରିକୁ ଚାଲିଗଲା । ଶୁଣିବାକୁ ମିଳୁଥିଲା ଗତ କାଲି ତା ମା ଯୋଉ ଟ୍ରାକ୍ଟରରେ ମଜୁରୀ କରୁଥିଲା ସେ ଟ୍ରାକ୍ଟର ଓଲଟି ଯିବାରୁ ସମସ୍ତେ ଆହତ ଓ ଜଣେ ମୃତ । ସେ ଜଣକ କେଶମନ୍ତର ମା ବିଚାରି । ବିଚରା ଛୁଆ ଏବେ କରିବେ କ'ଣ ? କେମିତି ରୋଜଗାର କରିବେ କଣ ଖାଇବେ କେମିତି ଚଳିବେ? ବୋଝ ଉପରେ ନଳିତା ବିଡ଼ା । ହଇରେ ଦଇବ ତୁ , କି କଲୁ । ବିଚରା ବାପା ଛେଉଣ୍ଡ ପିଲାଟାକୁ ପୁଣି ମା ଛେଉଣ୍ଡ ବି କରିଦେଲୁ । ଦୋଷ କାହାକୁ ଦେବେ ସାର କିଛି ବୁଝିପାରିଲେନି । ସମୟ ଆଗରେ ସମସ୍ତେ ହାର ମାନ୍ତି । ଏମିତି ୧୦/୧୫ ଦିନ ଚାଲିଗଲା । ପୁଣି କେଶମନ୍ତ ଆସିଲା ସ୍କୁଲ । ମୁହଁରେ ତାର ନା ହସ ନା ଖୁସି ସାର ତାକୁ ସବୁଦିନ ବୁଝାନ୍ତି କେବେ ପଢ଼ା ବନ୍ଦ କରିବୁନି । ଭଲରେ ପଢ଼ିବୁ । ମୁଁ ସାହାଯ୍ୟ କରିବି । ଯାହା ଯେତିକି ହେଇ ପାରୁଥାଏ ସାର ସାହାଯ୍ୟ କରୁଥାନ୍ତି । ବେଳେବେଳେ ଘରକୁ ଯାଇ କିଛି ପଇସା ଦେଇ ଆସନ୍ତି ପୂର୍ବ ଭଳି । ବିଚରା କେଶମନ୍ତକୁ ସାର୍ କେବେ ହଳେ ଚପଲ କେବେ ଖାତା, କେବେ କ'ଣ ଦରକାର ହେଲେ ଆଣି ଦିଅନ୍ତି । ସ୍କୁଲରୁ ତ ମାଗଣା ପୋଷାକ ବହି ଇତ୍ୟାଦି ପାଇଯାଏ । ସାରଙ୍କର ସ୍ନେହ ଶ୍ରଦ୍ଧା ଯେମିତି ତାର ଦୁଃଖ ଭୁଲାଇ ଦେଇଛି । ଅରକ୍ଷିତକୁ ଦଇବ ସାହା ଭଳି ସାରଙ୍କୁ ଦେଖିଲେ ସେ ସବୁ ଭୁଲିଯାଏ । ସାର୍ ମଧ୍ୟ ତାକୁ ନିଜ ପୁଅଭଳି ଭଲ ପାନ୍ତି । ଦିନେ ହଠାତ୍ ପ୍ରଧାନ ସାର ଗୋଟେ ଚିଠି ଆଣି ଧରେଇ ଦେଲେ ସାରଙ୍କୁ । ସାର୍ ଚିଠି ଖୋଲି ଦେଖନ୍ତି ତ ତାଙ୍କର ବଦଳି ହେଇ ଯାଇଛି ଅନ୍ୟତ୍ର । ଚିଠିରେ ଲେଖା ଥିଲା ସଂଗେ ସଂଗେ ଯାଇ ଜଏନ କରିବାପାଇଁ । ତାଙ୍କୁ ସବୁ ଅନ୍ଧାର ଦେଖାଗଲା । ସାର୍ କରିବେ କ'ଣ । ଶ୍ରେଣୀରେ ସମସ୍ତଙ୍କୁ କହିଲେ ପିଲେ ମୋର ବଦଳି ହେଇଛି ମୁଁ ଯାଉଛି । କେବେ ସମୟ ମିଳିଲେ ନିଶ୍ଚୟ ଆସିବି । ଭଲ ପାଠ ପଢ଼ିବ । କେଶମନ୍ତକୁ ସାହାଯ୍ୟ କରିବ । କେଶମନ୍ତ ପାଟିରୁ କିଛି କଥା ବାହାରୁ ନଥାଏ । ସାରଙ୍କୁ ଦେଖି କାନ୍ଦି ପକାଇଲା । ସାର୍ ତାକୁ କୁଣ୍ଢେଇ ଧରିଲେ ଓ କିଛି ପଇସା ତାକୁ ଦେଲେ । ରଖିଥା ଦରକାର ରେ ଆସିବ । ବିଚରା ନିରୀହ ଛୁଆଟା କିଛି କହିପାରୁନଥାଏ । ବଲ ବଲ କି ଚାହିଁ ରହିଥାଏ ବଡ଼ ବଡ଼ ଆଖିରେ । ସାର୍ ସବୁ ବୁଝି ପାରୁଥାନ୍ତି ତା' ଆଖି ଦୁଇଯି ଯେମିତି କହୁଛି ସାର୍ ମତେ ଛାଡ଼ି ଯାଆନ୍ତୁନି । ସାର ଆଉ କିଛି କହି ପାରିଲେନି । ସାର୍ ପ୍ରଧାନ ସାରଙ୍କୁ ନମସ୍କାର କରି ରୁଦ୍ଧ ସ୍ୱରରେ କହିଲେ କେଶମନ୍ତ ଆପଣଙ୍କୁ ଲାଗିଲା ପ୍ଲିଜ୍ । ଦେଖିବେ ଏତିକି କହି ସାର କେଶମନ୍ତକୁ ଛାଡ଼ି ଚାଲିଗଲେ । କେଶମନ୍ତ ସେମିତି ଅବାକ ହୋଇ ଚାହିଁ ରହିଥାଏ ସାରଙ୍କ ଯିବା ବାଟକୁ । ସତରେ ଭଗବାନ କେତେ ନିଷ୍ଠୁର........ । ଭାଗ୍ୟ ସମ୍ମୁଖରେ କିଏ କାହାର ନୁହେଁ ।

କସୈଙ୍ଗା, କଳାହାଣ୍ଡି ।

# ଲୁହ


- ଅର୍ଚ୍ଚନା ଦେଓ

ସକାଳର ତାଜା ଖବର ସହ ମୋର ବହୁତ ଦିନର ପୁରୁଣା ବନ୍ଧୁ ଆସି ପହଁଚିଲେ ଆମ ଘରେ । କ'ଣ ଖବର କେମିତି ଅଛନ୍ତି ଆପଣ ସବୁ ଭଲ ତ ଦେହ ପା କେମିତି ଅଛି । ମୁଁ ହଁ କହିଲି ଆଉ ପଚାରିଲି ଆପଣ କେମିତି ଅଛନ୍ତି ସରୋଜ ବାବୁ ଭଲ ଅଛନ୍ତି ତ । ଆପଣଙ୍କ ପୁଅ ଆସିଲାଣି ଘରକୁ । ଆପଣ ତ ଜାଣିଛନ୍ତି ମୋ ପୁଅ ଆର୍ମିରେ ଥିଲା । ଦେଶର ସେବା କରୁଥିଲା । ଆଉ ଦେଶର ସେବା କରୁ କରୁ ପ୍ରାଣ ବଳୀ ଦେଇ ଦେଲା । ଆଉ କ'ଣ କହିବି ସୁକାନ୍ତ ବାବୁ ପୁଅର ଏହି ତ୍ୟାଗ ପାଇଁ ମୁଁ ଗର୍ବ ଅନୁଭବ କରିବି ନା ଦୁଃଖ କରିବି ମୁଁ ବୁଝିପାରୁନାହିଁ । ଯେତେ ଯାହା ହେଲେ ମୁଁ ଗୋଟେ ବାପା ମୋ ପୁଅ ପାଇଁ ଏହି ହୃଦୟ କେତେ କାନ୍ଦଛି ଏକା ମୁଁ ହିଁ ଜାଣିଛି । ହେଲେ ମୋ ସ୍ତ୍ରୀ କହୁଛି ମୁଁ କଠୋର, ପୁରୁଷମାନେ କଠୋର ସେମାନଙ୍କ ଆଖିରୁ ଲୁହ ବୁହେ ନାହିଁ । ହେଲେ ସୁକାନ୍ତ ବାବୁ ମୁଁ କେମିତି ବୁଝାଇ ବି ମୋ ସ୍ତ୍ରୀକୁ ପୁରୁଷ ହୃଦୟରୁ ବି କୋହ ଉଠେ, ଲୁହ ବୁହେ । ହେଲେ ସେ ସାମଜକୁ ତା ଦୁଃଖ କଷ୍ଟକୁ ଦେଖାଇ ଦିଏ ନା । ହୃଦୟ ଭିତରେ ହିଁ ସେ ସବୁକୁ ଚାପିବାକୁ ପଡ଼େ । ପୁରୁଷମାନଙ୍କ ଏତିକି ଦୁଃଖ ସେ ନାରୀ ଭଳି କାନ୍ଦି ପାରେନା । ଆଉ କିଛି କହିପାରିଲେନି ସରୋଜ ବାବୁ । ସେଦିନ ସରୋଜ ବାବୁଙ୍କ କଥା ଶୁଣି ଆଖିରେ ଲୁହ ଆସିଗଲା । ତାଙ୍କ କଥାରେ ମୁଁ ଏକମତ ହେଲି ସତରେ ପୁରୁଷର ଆଖିରୁ ବି ଲୁହ ଆସେ ।

ଯାଜପୁର, ବାରଗୋଡ଼ିଆ ।


CBSE XII
2018 RESULT
ROUT CLASSES
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube

# IBMS No.1 INSTITUTE | IBM'S






## BANK | SSC | RLY | OAS

PO/CLERK | +2/GRADUATE | Tech./Non Tech. | BED

**CALCULATE 763X592 IN SECONDS**
**Charge your Brain**
**With the power of VEDIC MATHS.**

Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190

## 0671-6540190 M-9238500190
## Register Your Name For Free Class

All India Topper



Lopa Mudra Mohanty

**EXCLUSIVE FEATURES**

- COMPLETE SIGN-UP SYSTEMS
- ENTRY BY 20 MINUTE PRE INTERVIEW & FREE CLASSES.
- WITH YOU SCORING OF 65%
- STUDENT FORUM CLASSES
- COMMON TEST STARTS FROM THE DATE OF ENTRY WITH COMPLETE EXPLANATION.

101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%



"I Get 6 job in 7 Month" Joined IOB PO. Calcutta.

Ankita Bhawani
Indian Overseas Bank PO



NARESH BARIK
VIJAYA BANK PO



Ruchi Smita Behera
Corporation Bank



Sandeep Mohanty
Bank Of India PO

Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)

**IBM'S** CHANDI CHHAK & PALAMANDAP(Near Barabati Gas)CTC

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ